UTI Mutual Fund
Haq, ek behtar zindagi ka.
10 YEARS

# ୟୁଟିଆଇ ସ୍ୱତନ୍ତ୍ର

ନିବେଶକ ଶିକ୍ଷଣ ହେତୁ ଏକ ପଦକ୍ଷେପ | ସମର୍ଥନ ଧରିତ୍ରୀ

## ସ୍ମଲ୍ କ୍ୟାପ୍ ଫଣ୍ଡ - ଆପଣଙ୍କ ପାଇଁ ବଡ଼ ସୁଯୋଗ



**ନିବେଶର ଗତିଶୀଳ ଦୁନିଆରେ, ସୁଯୋଗ ଆସେ ଓ ଯାଏ। ସୁଯୋଗ ଆବିର୍ଭାବ ହେବାମାତ୍ରେ ତାହାକୁ କରାୟତ୍ତ କରିବା ପାଇଁ ଆପଣଙ୍କ ନିକଟରେ ରଣନୀତି ରହିବା ଜରୁରୀ । ସ୍ମଲ୍ କ୍ୟାପ୍ ଫଣ୍ଡର ଭୂମିକା ଏଇଠାରେ ଆସେ। ଯେହେତୁ ସ୍ମଲ୍ କ୍ୟାପ୍ ଫଣ୍ଡଗୁଡ଼ିକ ନୂଆ ଓ ଉଦୀୟମାନ କମ୍ପାନୀଗୁଡ଼ିକର ସାମର୍ଥ୍ୟର ଲାଭ ନେବା ପାଇଁ ଉଦ୍ଦିଷ୍ଟ, ତେଣୁ ଆପଣ ଦୀର୍ଘ ସମୟ ପାଇଁ ନିବେଶକୁ ବଜାୟ ରଖିଲେ ସେହି କମ୍ପାନୀଗୁଡ଼ିକର ଅଭିବୃଦ୍ଧି ଦ୍ୱାରା ଲାଭାନ୍ୱିତ ହୋଇଥାନ୍ତି।**

### ମାର୍କେଟ୍ କ୍ୟାପିଟାଲାଇଜେଶନ୍‌ର ଅବଧାରଣାକୁ ବୁଝିବା ଦ୍ୱାରା ସ୍ମଲ୍ କ୍ୟାପ୍ ଫଣ୍ଡଗୁଡ଼ିକୁ ଜାଣିବା ସହଜ ହୋଇଯାଏ ।

ମାର୍କେଟ୍ କ୍ୟାପିଟାଲାଇଜେଶନ୍ ହେଉଛି ଏକ କମ୍ପାନୀର ସର୍ବମୋଟ ମୂଲ୍ୟ । ବକେୟା ଶେୟାର୍‌ଗୁଡ଼ିକର ମୋଟ ସଂଖ୍ୟାକୁ ସାମ୍ପ୍ରତିକ ମୂଲ୍ୟ ସହ ଗୁଣନ କରାଯାଇ ଏହା ନିର୍ଦ୍ଧାରଣ କରାଯାଇଥାଏ । ଉଦାହରଣ ସ୍ୱରୂପ, ଯଦି କମ୍ପାନୀର ୩୦ ଲକ୍ଷ ଶେୟାର୍ ଅଛି ଯାହାର ବଜାର କାରବାର ମୂଲ୍ୟ ହେଉଛି ₹୧୦୦୦, ତେବେ କମ୍ପାନୀର ମାର୍କେଟ୍ କ୍ୟାପିଟାଲାଇଜେଶନ୍ ତଳେ ଚିତ୍ରଣ କରାଯାଇଛି:

**୩,୦୦୦,୦୦୦ X ୧,୦୦୦ = ₹୩୦୦ କୋଟି**

### ସ୍ମଲ୍ କ୍ୟାପ୍ ଫଣ୍ଡ କ'ଣ?

ସ୍ମଲ୍ କ୍ୟାପ୍ ଫଣ୍ଡଗୁଡ଼ିକ ହେଉଛି ଓପନ-ଏଣ୍ଡେଡ୍ ଇକ୍ୱିଟି ସ୍କିମ୍ ଯାହା ଏହାର ଆସେଟ୍‌ଗୁଡ଼ିକର ସର୍ବନିମ୍ନ ୬୫%କୁ ସ୍ମଲ୍ କ୍ୟାପ୍ କମ୍ପାନୀଗୁଡ଼ିକର ଇକ୍ୱିଟି ଓ ଇକ୍ୱିଟି ସମ୍ବନ୍ଧୀୟ ସାଧନରେ ନିବେଶ କରିଥାଏ । ସେବିର ପରିଭାଷା ଅନୁଯାୟୀ, ପୂର୍ଣ୍ଣ ମାର୍କେଟ୍ କ୍ୟାପିଟାଲାଇଜେଶନ୍ କ୍ରମରେ ୨୫୧ତମ କମ୍ପାନୀ ପରବର୍ତ୍ତୀ'କମ୍ପାନୀଗୁଡ଼ିକ ହେଉଛି ସ୍ମଲ୍ କ୍ୟାପ୍ ।

### ସ୍ମଲ୍ କ୍ୟାପ୍ ଫଣ୍ଡଗୁଡ଼ିକ ଏତେ ଲୋଭନୀୟ କାହିଁକି?

- ସ୍ମଲ୍ କ୍ୟାପ୍ ଷ୍ଟକ୍‌ଗୁଡ଼ିକର ଅଭିବୃଦ୍ଧି ଲାଭ କରିବାର ସମ୍ଭାବନା ଏବଂ ସମୟ ସହିତ ଧନକୁ ଚକ୍ରବୃଦ୍ଧି କରିବାର ସାମର୍ଥ୍ୟ ରହିଥାଏ, କାରଣ କେତେକ ସ୍ମଲ୍ କ୍ୟାପ୍ କମ୍ପାନୀ କାରବାର ପାଇଁ ସୁରକ୍ଷିତ ବଜାରରେ ପରିଚାଳିତ ହୋଇଥାନ୍ତି ଓ ତାହାର ଆବଶ୍ୟକତା ପୂରଣ କରିଥାନ୍ତି, ଯାହାଦ୍ୱାରା ପୁଞ୍ଜି ଉପରେ ଉଚ୍ଚ ରିଟର୍ନ ଜାତ କରିପାରିଥାନ୍ତି ।
- ଏହି ଷ୍ଟକ୍‌ଗୁଡ଼ିକ ବିଶ୍ଳେଷକମାନଙ୍କ ଦ୍ୱାରା କମ୍ ଟ୍ରାକ୍ କିମ୍ବା ଗବେଷିତ ହୋଇଥାଏ। ତେଣୁ, ସମୟ ସହିତ ଗୁଣବତ୍ତାସମ୍ପନ୍ନ ଷ୍ଟକ୍‌ଗୁଡ଼ିକୁ ବାଛି ଉଚ୍ଚତର ଅଭିବୃଦ୍ଧି ସାମର୍ଥ୍ୟରୁ ଲାଭାନ୍ୱିତ ହେବା ପାଇଁ ଏହା ଫଣ୍ଡ ମ୍ୟାନେଜରମାନଙ୍କୁ ସକ୍ଷମ କରିଥାଏ।
- ଏହିସବୁ ଫଣ୍ଡଗୁଡ଼ିକ ଉଚ୍ଚ-ରିସ୍କ ପ୍ରକୃତିର ହୋଇଥିବାରୁ, ଫଣ୍ଡ ମ୍ୟାନେଜରମାନେ ଗୁଣବତ୍ତାସମ୍ପନ୍ନ ଚୟନ କରି ଓ ପୋର୍ଟଫୋଲିଓର ବିବିଧକରଣ କରି ରିସ୍କକୁ ପ୍ରଶମିତ କରିବାର ପ୍ରୟାସ କରିଥାନ୍ତି ।
- ଏହି ଫଣ୍ଡଗୁଡ଼ିକ ମୋଟାମୋଟି ରକ୍ଷଣଶୀଳ ପୋର୍ଟଫୋଲିଓକୁ ସନ୍ତୁଳିତ କରିବା ଏବଂ ଅନ୍ତର୍ନିହିତ ପୋର୍ଟଫୋଲିଓରୁ ଲାଭାନ୍ୱିତ ହେବାରେ ସହାୟକ ହୋଇପାରେ।

### ଟିକସ ବ୍ୟବସ୍ଥା ସମ୍ପର୍କରେ ଆପଣ କ'ଣ ଜାଣିରଖିବା ଆବଶ୍ୟକ

**ଡିଭିଡେଣ୍ଡ ଉପରେ ଟିକସ**

- ପ୍ରାଥମିକ ଭାବେ, ଡିଭିଡେଣ୍ଡଗୁଡ଼ିକ ଟିକସମୁକ୍ତ ଥିଲା କାରଣ ଡିଭିଡେଣ୍ଡ ଘୋଷଣା କରୁଥିବା କମ୍ପାନୀ ଡିଭିଡେଣ୍ଡ ବିତରଣ ଟିକସ (ଡିଡିଟି) ପୈଠ କରୁଥିଲା। କିନ୍ତୁ, ଡିଭିଡେଣ୍ଡ ଲାଭକୁ ଆର୍ଥିକ ବର୍ଷର ବାର୍ଷିକ ଆୟରେ ଅନ୍ତର୍ଭୁକ୍ତ କରିବାକୁ ହେଉଥିଲା ଏବଂ ଆୟକର ସ୍ଲାବ୍ ଦରରେ ଟିକସ ଲାଗୁ ହେଉଥିଲା ।
- ହେଲେ, ବିତ୍ତ ଅଧିନିୟମ ୨୦୨୦ ଅନୁଯାୟୀ, ୧ ଏପ୍ରିଲ ୨୦୨୦ ଓ ତା'ପରେ ପୈଠ କରାଯାଇଥିବା ଡିଭିଡେଣ୍ଡର ପରିମାଣ ₹୫,୦୦୦ରୁ ଅଧିକ ହୋଇଥିବା କ୍ଷେତ୍ରରେ ଡିଭିଡେଣ୍ଡ ବିତରଣ ପାଇଁ ଉତ୍ସରେ ଟିକସ କାଟ (ଟିଡିଏସ୍) ଲାଗୁ ହେବ। ଟିଡିଏସ୍‌ର ଦର ୧୦%ରେ ସ୍ଥିର କରାଯାଇଥିଲା ।
- ଚଳିତ କୋଭିଡ୍-୧୯ ମହାମାରୀରେ ସରକାରଙ୍କ ଦ୍ୱାରା ଘୋଷଣା କରାଯାଇଥିବା ଏକ ପ୍ରଶମନ ପଦକ୍ଷେପ ହେଉଛି ୧୪ ମେ ୨୦୨୦ରୁ ୩୧ ମାର୍ଚ୍ଚ ୨୦୨୧ ମଧ୍ୟରେ ବିତରିତ ଡିଭିଡେଣ୍ଡଗୁଡ଼ିକ ପାଇଁ ଟିଡିଏସ୍ ହାରକୁ ୭.୫%କୁ ହ୍ରାସ କରାଯାଇଛି ।

**ପୁଞ୍ଜି ଲାଭ ଟିକସ**

- ରିଡେମ୍ପଶନ୍ ସମୟରେ ନିବେଶ ପ୍ରାପ୍ତ କରୁଥିବା ନେଟ୍ ଲାଭକୁ ପୁଞ୍ଜି ଲାଭ କୁହାଯାଏ। ଏହି ଲାଭ ହେଉଛି ବିକ୍ରି ମୂଲ୍ୟ ଓ କ୍ରୟ ମୂଲ୍ୟ ମଧ୍ୟରେ ରହିଥିବା ପାର୍ଥକ୍ୟ, ଯେଉଁଠି ବିକ୍ରି ମୂଲ୍ୟ କ୍ରୟ ମୂଲ୍ୟଠାରୁ ଅଧିକ ହୋଇଥିବ ।
- ବିସ୍ତାରରେ କହିଲେ, ଦୁଇ ପ୍ରକାର ଲାଭ ରହିଛି, ଯଥା- ସ୍ୱଳ୍ପମିଆଦୀ ପୁଞ୍ଜି ଲାଭ (ଏସ୍‌ଟିସିଜି) ଏବଂ ଦୀର୍ଘମିଆଦୀ ପୁଞ୍ଜି ଲାଭ (ଏଲ୍‌ଟିସିଜି) ।
- ରିଡେମ୍ପଶନ୍ ପୂର୍ବରୁ ୟୁନିଟ୍‌କୁ ଏକବର୍ଷରୁ କମ୍ ସମୟ ପାଇଁ ଧାରଣ କରାଯାଇଥିଲେ, ସେଥିରୁ ପ୍ରାପ୍ତ ଲାଭକୁ ଏସ୍‌ଟିସିଜି କୁହାଯାଏ । ଅନ୍ୟପକ୍ଷରେ, ୧୨ ମାସ କିମ୍ବା ଅଧିକ ସମୟ ପାଇଁ ନିବେଶକୁ ବଜାୟ ରଖିବା ଦ୍ୱାରା ପ୍ରାପ୍ତ ଲାଭକୁ ଦୀର୍ଘମିଆଦୀ ପୁଞ୍ଜି ଲାଭ (ଏଲ୍‌ଟିସିଜି) କୁହାଯାଏ ।
- ଏସ୍‌ଟିସିଜି ୧୫% ହାରରେ ଟିକସଯୋଗ୍ୟ ।
- ₹୧୦୦,୦୦୦ ପର୍ଯ୍ୟନ୍ତ ଏଲ୍‌ଟିସିଜି ଟିକସ-ମୁକ୍ତ ଅଟେ । ଟିକସ-ମୁକ୍ତ ସୀମାରୁ ଊର୍ଦ୍ଧ୍ୱ ଲାଭ ବିନା ଇଣ୍ଡେକ୍ସେଶନ୍‌ରେ ୧୦% ହାରରେ ଟିକସଯୋଗ୍ୟ ।

### କେଉଁମାନେ ନିବେଶ କରିପାରିବେ?

ସ୍ମଲ୍ କ୍ୟାପ୍ ଫଣ୍ଡ ସେହି ନିବେଶକଙ୍କ ପାଇଁ ଏକ ଉତ୍ତମ ବିକଳ୍ପ ଯେଉଁମାନେ-

- ଅନ୍ୟାନ୍ୟ ବିବିଧକୃତ ଇକ୍ୱିଟି ଅପେକ୍ଷା ଉଚ୍ଚତର ରିଟର୍ନ ପାଇବାକୁ ଚାହୁଁଛନ୍ତି ଏବଂ ଅନ୍ତର୍ନିହିତ ପୋର୍ଟଫୋଲିଓ ଅସ୍ଥିରତାକୁ ଅତିକ୍ରମ କରିବା ପାଇଁ ଇଚ୍ଛୁକ ଅଟନ୍ତି ।
- ମଧ୍ୟମରୁ ଦୀର୍ଘମିଆଦୀ ନିବେଶ ଅବଧି ସହିତ ମୋଟାମୋଟି ରକ୍ଷଣଶୀଳ ପୋର୍ଟଫୋଲିଓକୁ ସନ୍ତୁଳିତ କରିବା ପାଇଁ ଏକ ଉଚ୍ଚ ରିସ୍କଯୁକ୍ତ ରଣନୀତି ଯୋଗ କରିବାକୁ ଚାହୁଁଛନ୍ତି ।

ଛୋଟ କମ୍ପାନୀ ମୂଲ୍ୟାଙ୍କ ଓ ଅଭିବୃଦ୍ଧି ଯୋଗାଇଥାନ୍ତି । ଏହାଛଡ଼ା, ଏକ ମ୍ୟୁଚୁଆଲ ଫଣ୍ଡର ପେସାଦାର ଫଣ୍ଡ ମ୍ୟାନେଜର ଟିମ୍ ଆପଣଙ୍କୁ ବଛା ବଛା, ଦ୍ରୁତ-ଅଭିବୃଦ୍ଧିଶୀଳ କମ୍ପାନୀଗୁଡ଼ିକରୁ ଲାଭାନ୍ୱିତ ହେବାରେ ସହାୟତା କରିଥାନ୍ତି । ଯଥୋଚିତ ଖର୍ଚ୍ଚରେ ଦୀର୍ଘମିଆଦୀ ନିବେଶ କରିବା ପାଇଁ ଠିକ୍ ସ୍ମଲ୍ କ୍ୟାପ୍ ଫଣ୍ଡ ବାଛିବା ପାଇଁ ଆଜି ହିଁ ନିଜ ମ୍ୟୁଚୁଆଲ ଫଣ୍ଡ ଡିଷ୍ଟ୍ରିବ୍ୟୁଟରଙ୍କ ସହ କଥା ହୁଅନ୍ତୁ ।

ଏହି ବିଷୟବସ୍ତୁକୁ ବିଶେଷ ଭାବେ ୟୁଟିଆଇ ସ୍ୱତନ୍ତ୍ର ପାଇଁ ପ୍ରସ୍ତୁତ କରାଯାଇଛି । ଅଧିକ ସୂଚନା ପାଇଁ http://www.utiswatantra.com ପରିଦର୍ଶନ କରନ୍ତୁ ।

**ଏହାପରେ କ'ଣ: ଏବେ ବି ମନ ମାନୁନି?**
ଆମର ପରବର୍ତ୍ତୀ କାହାଣୀରେ ଆମେ ବିଗତ ୧୦ ବର୍ଷରେ କେତୋଟି ସ୍ମଲ୍ କ୍ୟାପ୍ କମ୍ପାନୀର ରୋଲିଂ ରିଟର୍ନର ତାଲିକା ପ୍ରଦାନ କରିବୁ ।

## ସ୍ମଲ୍ କ୍ୟାପ୍ ଫଣ୍ଡରେ ନିବେଶ କରିବା ସମୟରେ ଆପଣ ଏହିସବୁ କଥାକୁ ବିଚାରକୁ ନେବା ଉଚିତ

ବଜାରକୁ ଟାଇମିଂ କରିବା ଉତ୍ତମ ନିବେଶର ଏକ ଚାବିକାଠି। ଆଉ, ସ୍ମଲ୍ କ୍ୟାପ୍ ଫଣ୍ଡ ଆପଣଙ୍କୁ ସେଇଆ ଯୋଗାଇଥାଏ । ଭଲ ସ୍ମଲ୍ କ୍ୟାପ୍ ଫଣ୍ଡ ନିବେଶକଙ୍କ ପାଇଁ ସାର୍ଥକ ରିଟର୍ନ ଉତ୍ପନ୍ନ କରିଥାଏ । ସ୍ମଲ୍ କ୍ୟାପ୍ ଫଣ୍ଡରେ ଐତିହାସିକ ନିବେଶ ସୁଯୋଗ ରହିପାରେ ।

ସ୍ମଲ୍ କ୍ୟାପ୍ ଫଣ୍ଡରେ ନିବେଶ କରିବା ସମୟରେ ଏଇ କେତୋଟି କ୍ୱାଲିଟି ଦିଗଗୁଡ଼ିକ ଉପରେ ନଜର ପକାନ୍ତୁ ।

- **ଫଣ୍ଡର ଗଠନ:** ସ୍ମଲ୍ କ୍ୟାପ୍ ଫଣ୍ଡ ଦ୍ରୁତ-ଅଭିବୃଦ୍ଧିଶୀଳ ତଥା ଅଭିନବ କମ୍ପାନୀଗୁଡ଼ିକରେ ନିବେଶ କରି ଅଭିବୃଦ୍ଧି ପାଇବାର ଲକ୍ଷ୍ୟ ରଖିଥାଏ, ତେଣୁ ସ୍କିମ୍‌ର ନିଦର୍ଶନକୁ ଯାଞ୍ଚ କରିବା ପାଇଁ ଏହାର ନିବେଶଗୁଡ଼ିକ ଉପରେ ନଜର ପକାନ୍ତୁ ।
- **ସ୍କିମ୍‌ର ଲକ୍ଷ୍ୟ:** ସ୍ମଲ୍ କ୍ୟାପ୍ ଫଣ୍ଡ ମୁଖ୍ୟତଃ ସ୍ମଲ୍ କ୍ୟାପ୍ କମ୍ପାନୀଗୁଡ଼ିକର ଇକ୍ୱିଟି ଓ ଇକ୍ୱିଟି ସମ୍ବନ୍ଧିତ ଷ୍ଟକ୍‌ଗୁଡ଼ିକରେ ନିବେଶ କରି ଦୀର୍ଘମିଆଦୀ ଅଭିବୃଦ୍ଧି ସୃଷ୍ଟି କରିବାର ଲକ୍ଷ୍ୟ ରଖିଥାଏ । ଆପଣଙ୍କ ନିବେଶ ଲକ୍ଷ୍ୟ ସହିତ ଯେପରି ସ୍କିମ୍‌ର ଲକ୍ଷ୍ୟର ତାଳମେଳ ରହୁଛି ଏହା ନିଶ୍ଚିତ କରିନିଅନ୍ତୁ ।
- **ନିବେଶ ଅବଧି:** ଯଦି ଆପଣ ୭ କିମ୍ବା ତାହାଠାରୁ ଅଧିକ ବର୍ଷର ଏକ ଦୀର୍ଘମିଆଦୀ ଅବଧି ଲାଗି ନିବେଶକୁ ବଜାୟ ରଖିବାକୁ ଚାହୁଁଥାନ୍ତି ତେବେ ଏହିସବୁ ଫଣ୍ଡ ଆପଣଙ୍କ ପାଇଁ ଉପଯୁକ୍ତ ହୋଇପାରେ ।
- **ରିସ୍କ ନେବାର ସାମର୍ଥ୍ୟ:** ଯଦିଓ, ସ୍ମଲ୍ କ୍ୟାପ୍ ଫଣ୍ଡଗୁଡ଼ିକରେ ନିବେଶ କରିବା ରିସ୍କପୂର୍ଣ୍ଣ ହୋଇଥାଏ କାରଣ ସେଗୁଡ଼ିକ ବଜାରର ଅସ୍ଥିରତା ଦ୍ୱାରା ଅତି ସହଜରେ ପ୍ରଭାବିତ ହୋଇଥାନ୍ତି, ତଥାପି, ଏକ ସ୍ମଲ୍ କ୍ୟାପ୍ ଫଣ୍ଡ ଆପଣଙ୍କୁ ଉଚ୍ଚ-ଅଭିବୃଦ୍ଧିର ସୁଯୋଗ ପ୍ରଦାନ କରିପାରେ ଏବଂ ଆପଣଙ୍କ ମୋଟାମୋଟି ରକ୍ଷଣଶୀଳ ପୋର୍ଟଫୋଲିଓ ଗଠନକୁ ସନ୍ତୁଳିତ କରିପାରେ । ନିବେଶ ନିଷ୍ପତ୍ତି ନେବା ପୂର୍ବରୁ ଆପଣଙ୍କର ରିସ୍କ ନେବାର ସାମର୍ଥ୍ୟକୁ ମୂଲ୍ୟାୟନ କରିବା ସୁନିଶ୍ଚିତ କରନ୍ତୁ ।
- **ଫଣ୍ଡ ପରିଚାଳନା:** ଜଣେ ଭଲ ଫଣ୍ଡ ମ୍ୟାନେଜର ଏକ କ୍ଷେତ୍ରରେ ତାଙ୍କର ବ୍ୟାପକ ଜ୍ଞାନ ଓ ବିଶେଷଜ୍ଞତା ସହିତ ମୂଲ୍ୟାଙ୍କନ ରିସ୍କକୁ ପ୍ରଶମିତ କରିବା ପାଇଁ ଯୁକ୍ତିସଙ୍ଗତ ମୂଲ୍ୟାଙ୍କନରେ ଆପଣଙ୍କ ଟଙ୍କାକୁ ବୃଦ୍ଧି କରିବାର ସାମର୍ଥ୍ୟ ରଖୁଥିବା ଉପଯୁକ୍ତ ସ୍ମଲ୍ କ୍ୟାପ୍ କମ୍ପାନୀ ଚୟନକୁ ସୁନିଶ୍ଚିତ କରନ୍ତି ।
- **ଫଣ୍ଡର ପ୍ରଦର୍ଶନ:** ଏକ ଉପଯୁକ୍ତ ସ୍ମଲ୍ କ୍ୟାପ୍ ଫଣ୍ଡ ଆପଣଙ୍କୁ ଏହାର ପ୍ରକୃତ ପ୍ରଦର୍ଶନକୁ ବୁଝିବାରେ ସାହାଯ୍ୟ କରିବା ପାଇଁ ନିଫ୍ଟି ସ୍ମଲ୍ କ୍ୟାପ୍ ୨୫୦ ଭଳି ବେଞ୍ଚମାର୍କ ବିରୁଦ୍ଧରେ ସ୍କିମ୍‌ର ରିଟର୍ନଗୁଡ଼ିକୁ ତୁଳନା କରିବାର ଅନୁମତି ଦେଇଥାଏ ।

ସଂଶ୍ଳିଷ୍ଟ ରିସ୍କ ଏବଂ ଏହାର ମୋଟାମୋଟି ରିଟର୍ନକୁ ବୁଝିବା ପାଇଁ ସ୍କିମ୍‌ର ଅତୀତର ପ୍ରଦଶର୍ନକୁ ଦେଖନ୍ତୁ । କିନ୍ତୁ, ଭବିଷ୍ୟତର ପୂର୍ବାନୁମାନ କେହି କରିପାରିବେ ନାହିଁ, ତେଣୁ ନିଜର ନିବେଶ ନିଷ୍ପତ୍ତି ନେବା ପାଇଁ ସ୍କିମ୍‌ର ଟ୍ରାକ୍ ରେକର୍ଡ ଓ ନିରନ୍ତରତାକୁ ଦେଖନ୍ତୁ ।

ଯେହେତୁ ଅତୀତର ପ୍ରଦର୍ଶନ, ସ୍କିମ୍‌ର ଭବିଷ୍ୟତ ପ୍ରଦର୍ଶନର ଗ୍ୟାରେଣ୍ଟି ନୁହେଁ, ତେଣୁ ନିୟମିତ ଭାବେ ନିଜର ନିବେଶଗୁଡ଼ିକର ସମୀକ୍ଷା କରିବା ଓ ଏହାର ଅଗ୍ରଗତିକୁ ବୁଝିବା ଗୁରୁତ୍ୱପୂର୍ଣ୍ଣ ।

ଯଦି ଆପଣ ରିସ୍କ ଓ ରିଟର୍ନ ମଧ୍ୟରେ ଏକ ସନ୍ତୁଳନ ରଖିବା ପାଇଁ ଚାହୁଁଥାନ୍ତି, ତେବେ ସ୍ମଲ୍ କ୍ୟାପ୍ ଫଣ୍ଡକୁ ଆପଣ ବିଚାରକୁ ନେଇପାରନ୍ତି । ଏକ ତଳୁ-ଉପର ଷ୍ଟକ୍-ବଛା ମାର୍ଗ ହେଉଛି ଆଗକୁ ବଢ଼ିବାର ବାଟ। ଆପଣଙ୍କ ନିବେଶ ଆବଶ୍ୟକତା ଏବଂ ଏହାର ଦୀର୍ଘମିଆଦୀ ଟ୍ରେଣ୍ଡରୁ ଲାଭାନ୍ୱିତ ହେବା ପାଇଁ ଠିକ୍ ସ୍ମଲ୍ କ୍ୟାପ୍ ଫଣ୍ଡକୁ ଚିହ୍ନଟ କରିବା ସକାଶେ ନିଜର ମ୍ୟୁଚୁଆଲ ଫଣ୍ଡ ଡିଷ୍ଟ୍ରିବ୍ୟୁଟରଙ୍କ ସହିତ କଥା ହୁଅନ୍ତୁ ।



ଏହି ବିଷୟବସ୍ତୁକୁ ବିଶେଷ ଭାବେ ୟୁଟିଆଇ ସ୍ୱତନ୍ତ୍ର ପାଇଁ ପ୍ରସ୍ତୁତ କରାଯାଇଛି । ଅଧିକ ସୂଚନା ପାଇଁ http://www.utiswatantra.com ପରିଦର୍ଶନ କରନ୍ତୁ ।

## ବିଶେଷଜ୍ଞ କୁହନ୍ତି

**ଜଣେ ପାଠକ ଆମକୁ ପଚାରିଛନ୍ତି: ମୁଁ ଜଣେ ୩୬ ବର୍ଷୀୟ ଆକ୍ରାମକ ନିବେଶକ ଏବଂ ମୁଁ ବିଗତ କିଛି ବର୍ଷ ହେଲା ଇକ୍ୱିଟି ମ୍ୟୁଚୁଆଲ ଫଣ୍ଡରେ ନିବେଶ କରିଆସୁଛି। ବିଭିନ୍ନ ମାର୍କେଟ୍ କ୍ୟାପ୍ ପ୍ରତି ପର୍ଯ୍ୟାପ୍ତ ସଂସ୍ପର୍ଶ ପାଇବାର ଗୁରୁତ୍ୱ ସମ୍ପର୍କରେ ମୁଁ ପଢ଼ିଛି । ତେଣୁ, ଦୀର୍ଘମିଆଦରେ ଧନ ସୃଜନ ପାଇଁ, ମୋ ପୋର୍ଟଫୋଲିଓର କେତେ ପ୍ରତିଶତ ସ୍ମଲ୍ କ୍ୟାପ୍ ଫଣ୍ଡରେ ରହିବା ଉଚିତ?**

**ବିଶେଷଜ୍ଞ ଏହି ଉତ୍ତର ଦେଇଛନ୍ତି**

**କବୀନ୍ଦ୍ର ମଲ୍ଲ**
ମ୍ୟୁଚୁଆଲ ଫଣ୍ଡ ବିତରକ

ସବୁବେଳେ ଏହା ମନେରଖନ୍ତୁ, ନିବେଶ କରିବା ଯେବେ ସହଜ ହୋଇଯାଏ, ତେବେ ଟଙ୍କା ସୃଜନ କରିବା କଠିନ ହୋଇଯାଏ । ଏହି ନୀତିକୁ ଆଧାର କରି, ବର୍ତ୍ତମାନ ସ୍ମଲ୍-କ୍ୟାପ୍ ଅତି ଆତ୍ମବିଶ୍ୱାସୀ ଲାଗୁଛି ଏବଂ ଆଗକୁ ହୁଏତ ଅପ୍ରୀତିକର ସରପ୍ରାଇଜ୍ ମିଳିପାରେ, ଏଇଥିପାଇଁ, ସ୍ମଲ୍ ଓ ମିଡ୍-କ୍ୟାପ୍ ଫଣ୍ଡରେ ପୋର୍ଟଫୋଲିଓର ୩୦-୪୦ ପ୍ରତିଶତରୁ ଅଧିକ ରହିବା ଉଚିତ ନୁହେଁ । ଆପଣ କେବଳ ଏସ୍‌ଆଇପିରେ ନିବେଶ କରିବା ଉଚିତ, ଏକକାଳୀନ ବଡ଼ ଅଙ୍କର ରାଶି ନୁହେଁ (ଏହା ସମସ୍ତ ଇକ୍ୱିଟି ନିବେଶ ପାଇଁ ବୈଧ)। ପ୍ରତ୍ୟେକ ସ୍ମଲ୍-କ୍ୟାପ୍ ଫଣ୍ଡ ଅନ୍ୟଠାରୁ ଭିନ୍ନ ଓ ଅନନ୍ୟ ହୋଇଥାଏ । ତେଣୁ, ଏହା ଆପଣଙ୍କ ଆଶାନୁରୂପ ନ ହେଲେ ଫଣ୍ଡକୁ ପରିବର୍ତ୍ତନ କରିବା ଲାଗି ପ୍ରସ୍ତୁତ ରୁହନ୍ତୁ । ଏବଂ ଧନ ସୃଜନ ପ୍ରସଙ୍ଗରେ ସର୍ବଦା ଦୀର୍ଘମିଆଦୀ ଦୃଷ୍ଟିକୋଣ ରଖନ୍ତୁ । ତେଣୁ, ସ୍ମଲ୍-କ୍ୟାପ୍ ଫଣ୍ଡ ପାଇଁ ମଧ୍ୟ ଆପଣଙ୍କ ଦୃଷ୍ଟିକୋଣ ନ୍ୟୁନତମ ୧୦-୧୫ ବର୍ଷ ହେବା ଆବଶ୍ୟକ। ଅତି କମ୍‌ରେ ଏକ ପୂର୍ଣ୍ଣ ବଜାର ଚକ୍ର ପାଇଁ ନିବେଶକୁ ବଜାୟ ରଖନ୍ତୁ ।

ଅଧିକ ବିବରଣୀ ପାଇଁ ଆମକୁ ଟୁଇଟର୍ @utimutualfund ରେ ଫଲୋ କରନ୍ତୁ, ପ୍ରଶ୍ନ କିମ୍ବା ମତାମତ ଇମେଲ୍ କରନ୍ତୁ: utiswatantrateam@gmail.com ରେ ■ ଦୟାକରି ବିଷୟ ଧାଡ଼ିରେ 'Swatantra in Dharitri' ଲେଖନ୍ତୁ। ■ ଏପରି ଅଧିକ ଆର୍ଥିକ ଉପଦେଶ ପାଇଁ ଆମ ୱେବ୍‌ସାଇଟ୍ ପରିଦର୍ଶନ କରନ୍ତୁ: http://www.utiswatantra.com




## ଆଉ ଏହିଭଳି ଭାବେ ହିଁ ଛୋଟ ଛୋଟ ଜିନିଷ ଆଣିଥାଏ ବଡ଼ ପାର୍ଥକ୍ୟ



ଆପଣଙ୍କ କଷ୍ଟୋପାର୍ଜିତ ଟଙ୍କାକୁ ନିବେଶ କରିବାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସମୟକ୍ରମେ ତାହାକୁ ବଢ଼ୁଥିବାର ଦେଖିବା । ଆଉ ଆପଣ ଅଭିବୃଦ୍ଧିଶୀଳ କମ୍ପାନୀରେ ନିବେଶ କଲେ, ଆପଣ ନିଜର ନିବେଶକୁ ସେମାନଙ୍କ ସହି ଅଭିବୃଦ୍ଧି ଲାଭ କରିବାକୁ ଅନୁମତି ଦେଇଥାନ୍ତି । କିନ୍ତୁ, ଆରମ୍ଭ କରିବା ପାଇଁ ଆପଣ ଉଚ୍ଚ ଅଭିବୃଦ୍ଧି ସାମର୍ଥ୍ୟଧାରୀ ତାଲିକାଭୁକ୍ତ କମ୍ପାନୀ ଆବଶ୍ୟକ କରନ୍ତି ଓ ଏହି ପ୍ରସଙ୍ଗରେ ସ୍ମଲ୍ କ୍ୟାପ୍ ଫଣ୍ଡ ଏକ ଆକର୍ଷଣୀୟ ନିବେଶ ସୁଯୋଗ ହୋଇପାରିବ ।

ଜାଣନ୍ତୁ କେମିତି-

**କାଲିର ବାହୁବଳୀ:** ଆପଣଙ୍କ ଜଣାଶୁଣା ଅନେକ କମ୍ପାନୀ ଏକ ସ୍ମଲ୍ କ୍ୟାପ୍ କମ୍ପାନୀ ଭାବେ ସେମାନଙ୍କର ଯାତ୍ରା ଆରମ୍ଭ କରିଥିଲେ । ବର୍ଷ ବିତିବା ସହିତ, ସେମାନେ ସଫଳତାର ପାହାଚ ଚଢ଼ି ସେମାନଙ୍କ ଉଦ୍ୟୋଗର ଜଣେ ଜଣେ ବାହୁବଳୀରେ ପରିଣତ ହୋଇପାରିଛନ୍ତି ।

ଉଦାହରଣ ସ୍ୱରୂପ: ବର୍ଷ ବିତିବା ସହିତ ନିଜର ମାର୍କେଟ୍-କ୍ୟାପ୍ ମାନ୍ୟତାକୁ ବଦଳାଇଥିବା କେତୋଟି କମ୍ପାନୀ ଉପରେ ଆସନ୍ତୁ ନଜର ପକାଇବା ।

| | ତାଲିକାଭୁକ୍ତ ହୋଇଥିଲା | ତାଲିକାଭୁକ୍ତୀ-କରଣ ସମୟରେ ଏମ୍‌କ୍ୟାପ୍ (କୋଟିରେ) | ସ୍ଥିତି | | ଏମ୍‌କ୍ୟାପ୍ (କୋଟିରେ) ୧୮ ନଭେମ୍ବର ୨୦୨୦ |
|---|---|---|---|---|---|
| | | | ତାଲିକାଭୁକ୍ତୀ-କରଣ ସମୟରେ | ସଦ୍ୟତମ* | |
| ବିଗତ ୨୦ ବର୍ଷରେ | | | | | |
| ବଜାଜ ଫାଇନାନ୍ସ ଲିଃ | ଜୁନ୍-୯୯ | ₹୪୯ | ସ୍ମଲ୍ କ୍ୟାପ୍ | ଲାର୍ଜ କ୍ୟାପ୍ | ₹୨,୭୯,୮୬୩ |
| ଜୁବିଲାଣ୍ଟ ଫୁଡ୍ ୱାର୍କସ୍ | ଫେବୃ.-୧୦ | ₹୧,୪୬୨ | ସ୍ମଲ୍ କ୍ୟାପ୍ | ଲାର୍ଜ କ୍ୟାପ୍ | ₹୩୪,୦୭୬ |
| ବିଗତ ୫ ବର୍ଷରେ | | | | | |
| ଲୌରସ୍ ଲାବ୍‌ସ ଲିଃ | ଡିସେ.-୧୬ | ₹୫,୦୮୧ | ସ୍ମଲ୍ କ୍ୟାପ୍ | ମିଡ୍ କ୍ୟାପ୍ | ₹୧୪,୫୬୦ |
| ମେଟ୍ରୋପଲିସ୍ ହେଲ୍‌ଥକେୟାର୍ ଲିଃ | ଏପ୍ରିଲ-୧୯ | ₹୪,୮୧୬ | ସ୍ମଲ୍ କ୍ୟାପ୍ | ମିଡ୍ କ୍ୟାପ୍ | ₹୧୦,୪୭୧ |

*ତଥ୍ୟର ଉତ୍ସ: ତା୧୮।୧୧।୨୦୨୦ରିଖ ସୁଦ୍ଧା ଗୁଗଲ୍ ଫାଇନାନ୍ସ । ସମ୍ପୃକ୍ତ ଅବଧିର ନିଫ୍ଟି ୫୦୦ ଉପାଦାନଗୁଡ଼ିକର ଫୁଲ୍ ମାର୍କେଟ୍ କ୍ୟାପିଟାଲାଇଜେଶନ୍ ଭିତ୍ତିରେ ।
- ସ୍ମଲ୍ କ୍ୟାପ୍ କମ୍ପାନୀର ଇକ୍ୱିଟି ଓ ଇକ୍ୱିଟି ସମ୍ବନ୍ଧିତ ସାଧନରେ ସର୍ବନିମ୍ନ ନିବେଶ - ମୋଟ ଆସେଟ୍‌ର ୬୫%
- ସେବି ଦ୍ୱାରା ନିର୍ଦ୍ଧାରିତ ମାର୍କେଟ୍ କ୍ୟାପିଟାଲାଇଜେଶନ୍‌ର ପରିଭାଷା ନିମନ୍ତେ ନୂଆ ମାନଦଣ୍ଡ ଅନୁଯାୟୀ, ବର୍ଗୀକରଣ ଏହି ଅନୁଯାୟୀ ହେବ: ୧ମ - ୧୦୦ତମ କମ୍ପାନୀ (ଫୁଲ୍ ମାର୍କେଟ୍ କ୍ୟାପ୍), ମିଡ୍ କ୍ୟାପ୍: ୧୦୧ତମ - ୨୫୦ତମ କମ୍ପାନୀ (ଫୁଲ୍ ମାର୍କେଟ୍ କ୍ୟାପ୍), ସ୍ମଲ୍ କ୍ୟାପ୍: ୨୫୧ତମ କମ୍ପାନୀ ପରଠାରୁ (ଫୁଲ୍ ମାର୍କେଟ୍ କ୍ୟାପ୍)
- ଏହି ଲେଖାରେ ଦର୍ଶିତ ଷ୍ଟକ୍‌ଗୁଡ଼ିକ ମ୍ୟୁଚୁଆଲ ଫଣ୍ଡ ଏବଂ ଏଏମ୍‌ସି ଦ୍ୱାରା ସେଗୁଡ଼ିକର ସ୍ୱଚ୍ଛଳତାର ଅନୁମୋଦନ ନୁହେଁ କିମ୍ବା କୌଣସି ସମୟରେ ଏହି ଷ୍ଟକ୍‌ଗୁଡ଼ିକୁ କିଣିବା ବା ବିକ୍ରି କରିବାର ସୁପାରିସ ନୁହେଁ । କମ୍ପାନୀଗୁଡ଼ିକର ନାମ କେବଳ ସନ୍ଦର୍ଭ ଉଦ୍ଦେଶ୍ୟ ପାଇଁ । ଜରୁରୀ ନୁହେଁ ଯେ ସ୍କିମ୍ ଏଗୁଡ଼ିକ ମଧ୍ୟରୁ ଯେକୌଣସି କିମ୍ବା ସମସ୍ତ କମ୍ପାନୀରେ କରିପାରେ କିମ୍ବା ନ କରିପାରେ । ତଥ୍ୟ ୧୮ ନଭେମ୍ବର ୨୦୨୦ ସୁଦ୍ଧା ।

ଉପରପ୍ରଦତ୍ତ ସାରଣୀରେ ଆପଣ ଦେଖିପାରୁଥିବେ, ସ୍ମଲ୍ କ୍ୟାପ୍ କମ୍ପାନୀ ଭାବେ ଆରମ୍ଭ ହୋଇଥିବା କ୍ୱାଲିଟି ଷ୍ଟକ୍‌ଗୁଡ଼ିକ ସମୟକ୍ରମେ ଆଜି ମିଡ୍ କ୍ୟାପ୍ ଓ ଲାର୍ଜ କ୍ୟାପ୍‌କୁ ଉନ୍ନୀତ ହୋଇଛି । ତେଣୁ, ସ୍ୱଳ୍ପ ମିଆଦରେ ଦେଖାଦେଇଥିବା ଅସ୍ଥିରତା ସତ୍ତ୍ୱେ, ଦୀର୍ଘ ମିଆଦୀରେ ଅପେକ୍ଷାକୃତ ଅଭିବୃଦ୍ଧି ହାସଲ କରିବା ପାଇଁ ସ୍ମଲ୍ କ୍ୟାପ୍ କମ୍ପାନୀଗୁଡ଼ିକର ସାମର୍ଥ୍ୟ ଥାଏ ।

**ନ୍ୟୂନ-ମୂଲ୍ୟାଙ୍କନର ସାମର୍ଥ୍ୟ:** ନ୍ୟୂନ-ମୂଲ୍ୟାଙ୍କିତ ସ୍ମଲ୍ କ୍ୟାପ୍ କମ୍ପାନୀରେ ଆପଣ ନିବେଶ କରିବା ପୂର୍ବରୁ, ପ୍ରଥମେ ଆପଣଙ୍କୁ ସେମାନଙ୍କ ବ୍ୟବସାୟ ସମ୍ପର୍କରେ ଜାଣିବାକୁ ହେବ । ଏହାଛଡ଼ା, ଅଧିକାଂଶ ସ୍ମଲ୍ କ୍ୟାପ୍ କମ୍ପାନୀ ଅପେକ୍ଷାକୃତ ଭାବେ ଅଜଣା-ଅଶୁଣା ହୋଇଥାନ୍ତି ଓ ସାଧାରଣତଃ ସେମାନଙ୍କର ଇକ୍ୱିଟି ଗବେଷଣା କଭରେଜ୍ ସ୍ୱଳ୍ପ କିମ୍ବା ଆଦୌ ନ ଥାଏ। ସ୍ମଲ୍ କ୍ୟାପ୍ ଫଣ୍ଡ ମ୍ୟାନେଜରମାନେ ଭଲ ଷ୍ଟକ୍‌ଗୁଡ଼ିକୁ ଚିହ୍ନଟ କରିବା ଲାଗି ଗହନ ଗବେଷଣା କରିଥାନ୍ତି । ମୂଲ୍ୟାଙ୍କନରେ ମିନ୍ ରିଭର୍ସନ୍ ପ୍ରସପେକ୍ଟ ଗଢ଼ିବାରେ ସହାୟତା ପାଇଁ ସ୍ମଲ୍ କ୍ୟାପ୍ ଫଣ୍ଡ ମ୍ୟାନେଜରମାନେ ଟର୍ନଆରାଉଣ୍ଡ ମଧ୍ୟ ଦେଇ ଗତି କରୁଥିବା କମ୍ପାନୀଗୁଡ଼ିକର ସନ୍ଧାନରେ ମଧ୍ୟ ରହିଥାନ୍ତି ।

**ଅଭିବୃଦ୍ଧିର ସାମର୍ଥ୍ୟ:** ସ୍ମଲ୍ କ୍ୟାପ୍ ଫଣ୍ଡରେ ନିବେଶ କରିବା ଦ୍ୱାରା ଆପଣ ଯଥେଷ୍ଟ ଅଭିବୃଦ୍ଧି ସମ୍ଭାବନା ପାଇଥାନ୍ତି । ଭାବମୂର୍ତ୍ତି ଓ ମାର୍କେଟ୍ କ୍ୟାପ୍ ପ୍ରସଙ୍ଗରେ ସେମାନଙ୍କର ଅଭାବକୁ ସେମାନେ ଏକାଗ୍ର ବ୍ୟବସାୟ ମଡେଲ୍ ଓ ଦକ୍ଷତା ଦ୍ୱାରା ପ୍ରତିପୂରଣ କରିଥାନ୍ତି । ସେମାନଙ୍କ ବ୍ୟବସାୟ ଓ ଲାଭ ବୃଦ୍ଧିର ସମ୍ଭାବନା ସେମାନଙ୍କ ବଡ଼ ବଡ଼ ପ୍ରତିଯୋଗୀଙ୍କ ତୁଳନାରେ ଅଧିକ ହୋଇଥାଏ । ହେଲେ, ଏ କ୍ଷେତ୍ରରେ ଲିକ୍ୱିଡିଟି ଏକ ଚିନ୍ତାର ବିଷୟ ହୋଇଥାଏ, ବିଶେଷକରି ଯେଉଁଠି ସ୍ୱଳ୍ପ ଟ୍ରେଡିଂ ଭଲ୍ୟୁମ୍ ରହୁଥିବା ସ୍ଥାନରେ ନିବେଶକମାନେ ସ୍ମଲ୍ କ୍ୟାପ୍ ଷ୍ଟକ୍ (ଅନ୍ୟ ଅର୍ଥରେ ସ୍ମଲ୍ କ୍ୟାପ୍ ଫଣ୍ଡ)ରେ ସେମାନଙ୍କର ଟଙ୍କା ରଖିଥାନ୍ତି । ତେଣୁ, ଜଣେ ନିବେଶକ ଭାବେ, ଆପଣ ସ୍ମଲ୍ କ୍ୟାପ୍ ଫଣ୍ଡରେ ଦୀର୍ଘମିଆଦ ଲାଗି ନିବେଶକୁ ବଜାୟ ରଖି ସେମାନଙ୍କ ଦ୍ୱାରା ଲାଭାନ୍ୱିତ ହୋଇପାରନ୍ତି ।

ଯଦିଓ, ସେବୀ ଅନୁଯାୟୀ, ସ୍ମଲ୍ କ୍ୟାପ୍ ଫଣ୍ଡଗୁଡ଼ିକ 'ସାମାନ୍ୟ ଉଚ୍ଚ ରିସ୍କ' ବର୍ଗରେ ଆସେ, ତଥାପି ଏକ ସୁ-ବିବିଧକୃତ ନିବେଶ ପୋର୍ଟଫୋଲିଓ ପାଇଁ, ସ୍ମଲ୍-କ୍ୟାପ୍ ଫଣ୍ଡରେ ନିବେଶ କରିବା ଲାଭପ୍ରଦ ହୋଇପାରେ ।

**ଶେଷରେ:**

ଇତିହାସ ଆମକୁ ଦେଖାଇଛି ଯେ ବର୍ଷ ବିତିବା ସହ ଅନେକ ସ୍ମଲ୍ କ୍ୟାପ୍ କମ୍ପାନୀ ଭଲ ପ୍ରଦର୍ଶନ ଦେଖାଇଛନ୍ତି (କେତେକ ଉଦାହରଣ ଉପରପ୍ରଦତ୍ତ ସାରଣୀରେ ଦିଆଯାଇଛି) । ତେଣୁ ନିଜ ପୋର୍ଟଫୋଲିଓରେ ମୂଲ୍ୟ ଯୋଗ କରିବା ଓ ବିବିଧତା ବୃଦ୍ଧି କରିବା ସହ ସ୍ମଲ୍ କ୍ୟାପ୍ ଫଣ୍ଡ ଯୋଗାଉଥିବା ଉଚ୍ଚ ଅଭିବୃଦ୍ଧି ସମ୍ଭାବନାର ଲାଭ ଉଠାଇବା ପାଇଁ ଚାହୁଁଥିଲେ, ଆଜି ହିଁ ସ୍ମଲ୍ କ୍ୟାପ୍ ଫଣ୍ଡ ବିଷୟରେ ଅନୁସନ୍ଧାନ କରନ୍ତୁ ।

ଏହି ବିଷୟବସ୍ତୁକୁ ବିଶେଷ ଭାବେ ୟୁଟିଆଇ ସ୍ୱତନ୍ତ୍ର ପାଇଁ ପ୍ରସ୍ତୁତ କରାଯାଇଛି । ଅଧିକ ସୂଚନା ପାଇଁ http://www.utiswatantra.com ପରିଦର୍ଶନ କରନ୍ତୁ ।

**ପରବର୍ତ୍ତୀ ସଂସ୍କରଣରେ:** ନିଜର ଅବସରକାଳୀନ ପାଣ୍ଠିର ହିସାବ କିପରି କରିବେ ଭାବୁଛନ୍ତି କି?
ଆସନ୍ତା ସଂସ୍କରଣରେ, ଆପଣଙ୍କର ଆଦର୍ଶ ଅବସରକାଳୀନ ପାଣ୍ଠି ନିର୍ଦ୍ଧାରଣ କରିବା ପାଇଁ କେଉଁ ପଦକ୍ଷେପ ଅନୁସରଣ କରାଯିବ ତାହାର ତାଲିକା ପ୍ରଦାନ କରିବୁ ।

**ମ୍ୟୁଚୁଆଲ ଫଣ୍ଡ ନିବେଶ ବଜାରର ରିସ୍କ ଉପରେ ନିର୍ଭର କରିଥାଏ, ସ୍କିମ୍ ସମ୍ପର୍କିତ ସମସ୍ତ କାଗଜପତ୍ରକୁ ଯତ୍ନର ସହ ପଢ଼ନ୍ତୁ ।**

**ଦାବିତ୍ୟାଗ:** କେୱାଇସି ଦଲିଲ ଆବଶ୍ୟକତା ତଥା ଠିକଣା, ଫୋନ୍ ନମ୍ବର, ବ୍ୟାଙ୍କ ବିବରଣୀ ଇତ୍ୟାଦି ପରିବର୍ତ୍ତନର ପଦ୍ଧତି ସମ୍ପର୍କରେ ଅଧିକ ଜାଣିବା ପାଇଁ ଦୟାକରି https://www.utimf.com/servicerequest/kyc ପରିଦର୍ଶନ କରନ୍ତୁ। ଦୟାକରି କେବଳ ପଞ୍ଜୀକୃତ ମ୍ୟୁଚୁଆଲ ଫଣ୍ଡଗୁଡ଼ିକ ସହ କାରବାର କରନ୍ତୁ, ଯେଉଁମାନଙ୍କ ବିବରଣୀ ସେବି ୱେବ୍‌ସାଇଟ୍‌ରେ "ମଧ୍ୟସ୍ଥ/ବଜାର ଭିତ୍ତିଭୂମି ଅନୁଷ୍ଠାନ" ଅଧୀନରେ ଯାଞ୍ଚ କରାଯାଇପାରିବ। ୟୁଟିଆଇ ମ୍ୟୁଚୁଆଲ ଫଣ୍ଡ ସମ୍ପର୍କିତ ସମସ୍ତ ଅଭିଯୋଗ service@uti.co.in ରେ ଏବଂ/କିମ୍ବା www.scores.gov.in (ସେବି ସ୍କୋରସ ପୋର୍ଟାଲ୍) ପରିଦର୍ଶନ କରି ଦାଖଲ କରାଯାଇପାରିବ। ଏହି ସାମଗ୍ରୀ ୟୁଟିଆଇ ମ୍ୟୁଚୁଆଲ ଫଣ୍ଡର ନିବେଶକ ଶିକ୍ଷା ଓ ସଚେତନତା ପ୍ରୟାସର ଏକ ଅଂଶବିଶେଷ ଅଟେ ।





ୟୁଟିଆଇ ସ୍ମଲ୍‌କ୍ୟାପ୍‌ଫଣ୍ଡ ହେଉଛି ଏକ ଓପନ-ଏଣ୍ଡେଡ୍‌ଇକ୍ୟୁଟି ସ୍କିମ୍ ଯାହା ମୂଳତଃ ସ୍ମଲ୍‌କ୍ୟାପ୍ ଷ୍ଟକରେ ରେ ନିବେଶ କରିବା ଉପରେ ପର୍ଯ୍ୟବେକ୍ଷିତ । ସ୍ମଲ୍‌କ୍ୟାପ୍ କମ୍ପାନୀଗୁଡ଼ିକର ଇକ୍ୟୁଟି ଓ ଇକ୍ୟୁଟି ସମ୍ବନ୍ଧିତ ସାଧନରେ ସର୍ବନିମ୍ନ ନିବେଶ - ମୋଟ ସମ୍ପତ୍ତିର 65% । ସେବି ଦ୍ୱାରା ନିର୍ଦ୍ଧାରିତ ମାର୍କେଟ୍ କ୍ୟାପିଟାଲାଇଜେସନ୍‌ର ପରିଭାଷା ପାଇଁ ନୂଆ ମାନଦଣ୍ଡ ଅନୁଯାୟୀ, ବର୍ଗୀକରଣ ହେବ: ଲାର୍ଜ କ୍ୟାପ୍: 1ମ-100ତମ କମ୍ପାନୀ (ଫୁଲ୍‌ମାର୍କେଟ କ୍ୟାପ୍), ମିଡ୍ କ୍ୟାପ୍: 101ତମ - 250ତମ କମ୍ପାନୀ (ଫୁଲ୍ ମାର୍କେଟ୍‌କ୍ୟାପ୍), ସ୍ମଲ୍ କ୍ୟାପ୍: 251ତମ ଠାରୁ ପରବର୍ତ୍ତୀ କମ୍ପାନୀଗୁଡ଼ିକ (ଫୁଲ୍‌ମାର୍କେଟ୍‌କ୍ୟାପ୍) । 2403

**ୟୁଟିଆଇ ସ୍ମଲ୍ କ୍ୟାପ୍ ଫଣ୍ଡ**
ଏହି ଉତ୍ପାଦ ସେହି ନିବେଶକମାନଙ୍କ ପାଇଁ ଉପଯୁକ୍ତ ଯିଏ ସନ୍ଧିତ *:
• ଦୀର୍ଘକାଳୀନ ପୁଞ୍ଜି ବୃଦ୍ଧି
• ନିବେଶ ମୂଳତଃ ସ୍ମଲ୍‌କ୍ୟାପ୍ କମ୍ପାନୀଗୁଡ଼ିକର ଇକ୍ୟୁଟି ଓ ଇକ୍ୟୁଟି ସମ୍ବନ୍ଧିତ ସିକ୍ୟୁରିଟିରେ ହୋଇଥାଏ
*ଏହି ଉତ୍ପାଦ ସେମାନଙ୍କ ପାଇଁ ଉପଯୁକ୍ତ ଅଟେ କି ନୁହେଁ ବିଷୟକୁ ନେଇ ସନ୍ଦେହରେ ଥିବା କ୍ଷେତ୍ରରେ ନିବେଶକମାନେ ସେମାନଙ୍କ ବିତ୍ତୀୟ ପରାମର୍ଶଦାତାଙ୍କ ସହ ପରାମର୍ଶ କରିବା ଉଚିତ ।




Scan QR code to know more

**ମ୍ୟୁଚୁଆଲ୍‌ଫଣ୍ଡ ନିବେଶ ବଜାର ଆପଦ ଅଧୀନ ଅଟେ, ସମସ୍ତ ଯୋଜନା ସମ୍ବନ୍ଧିତ ଦସ୍ତାବିଜ୍‌କୁ ଧ୍ୟାନ ସହକାରେ ପଢ଼ନ୍ତୁ ।**

## ଦୋକାନରେ ନିଆଁ ଲଗାଇବା ଘଟଣା: ଜଣେ ଗିରଫ

ଭୁବନେଶ୍ୱର,(ବ୍ୟୁରୋ): ଦୋକାନରେ ନିଆଁ ଲଗାଇଦେବା ଘଟଣାରେ ଖଣ୍ଡଗିରି ଥାନା ପୋଲିସ ମଙ୍ଗଳବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ କୋଳଥିଆର ବାପୁ ପାତ୍ର । ସୂଚନା ଅନୁଯାୟୀ, କୋଳଥିଆ ଗ୍ରାମରେ ମଧୁସୂଦନ ଦାସଙ୍କ ଏକ ଗ୍ରସେରି ଦୋକାନ ରହିଛି। ଦୁଇଦିନ ପୂର୍ବେ ବାପୁଙ୍କ ସହ ମଧୁସୂଦନଙ୍କର ପାଟିତୁଣ୍ଡ ହୋଇଥିଲା। ଏଥିରେ ବାପୁ ଉତ୍‌କ୍ଷିପ୍ତ ହୋଇ ମଧୁସୂଦନଙ୍କ ଦୋକାନରେ ନିଆଁ ଲଗାଇ ଦେଇଥିଲେ।

# ରାଜଧାନୀରେ ବନ୍ଦ

ଭୁବନେଶ୍ୱର, ୮।୧୨(ବ୍ୟୁରୋ)

କେନ୍ଦ୍ର ସରକାରଙ୍କ ନୂତନ କୃଷି ଆଇନ ପ୍ରତ୍ୟାହାର ଦାବିରେ ମଙ୍ଗଳବାର ଭାରତ ବନ୍ଦର ପ୍ରଭାବ ରାଜଧାନୀ ଭୁବନେଶ୍ୱରରେ ଦେଖିବାକୁ ମିଳିଥିଲା। ଆନ୍ଦୋଳନରେ ବିଭିନ୍ନ ରାଜନୈତିକ ଦଳ, ଟ୍ରେଡ ୟୁନିୟନ ଓମ ସଙ୍ଗଠନ ସାମିଲ ହୋଇଥିଲେ। ବିଭିନ୍ନ ସ୍ଥାନରେ ରାସ୍ତାରୋକୋ, ପିକେଟିଂ ସାଙ୍ଗକୁ ଧାରଣା, ବିକ୍ଷୋଭ ଓ ଶୋଭାଯାତ୍ରା ଯୋଗୁ ଗାଡ଼ି ମୋଟର, ରେଳ ଚଳାଚଳ ବ୍ୟାହତ ହୋଇଥିଲା। ସେହିପରି ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ସମେତ ଦୋକାନ ବଜାର ବନ୍ଦ ରହିଥିଲା। ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ଦୀର୍ଘ ସମୟ ଧରି ଯାନବାହନ ଅଟକି ରହିଥିଲା। କେତେକ ସ୍ଥାନରେ ଆନ୍ଦୋଳନକାରୀଙ୍କୁ ଅଟକାଇବାକୁ ଯାଇ ପୋଲିସକୁ ନାକେଦମ୍ ହେବାକୁ ପଡ଼ିଥିଲା।


ନବନିର୍ମାଣ କୃଷକ ଯୁବ ସଙ୍ଗଠନ ପକ୍ଷରୁ ଭୁବନେଶ୍ୱର ରେଳଷ୍ଟେଶନ ରାସ୍ତାରେ ବାଇକ୍ ଶୋଭାଯାତ୍ରା।


ଟ୍ରେନ୍ ବନ୍ଦ ଯୋଗୁ ଯାତ୍ରୀମାନେ ଷ୍ଟେଶନ ବାହାରେ ବସି ରହିଛନ୍ତି।

### ବସ୍‌ଷ୍ଟାଣ୍ଡ, ରେଳ ଷ୍ଟେଶନରେ ଯାତ୍ରୀ ହନ୍ତସନ୍ତ

ବନ୍ଦ ଯୋଗୁ ଗନ୍ତବ୍ୟସ୍ଥାନକୁ ଯାଇ ନ ପାରି ହଇରାଣ ହୋଇଥିଲେ ଅନେକ ଯାତ୍ରୀ। ଖାଦ୍ୟ ଓ ପାଣି ବିନା ସେମାନେ ବରମୁଣ୍ଡା ବସ୍‌ଷ୍ଟାଣ୍ଡ ଓ ରେଲୱେ ଷ୍ଟେଶନରେ ହନ୍ତସନ୍ତ ହେଉଥିଲେ। ହୋଟେଲ ଓ ଦୋକାନବଜାର ବନ୍ଦ ଥିବାରୁ ସେମାନଙ୍କୁ ବେଶି କଲବଲ ହେବାକୁ ପଡ଼ିଥିଲା। ସେହିପରି ଅନେକ ଯାତ୍ରୀ ଅଟୋ ନ ପାଇ ଚାଲିଚାଲି ଯାଉଥିବା ଦେଖିବାକୁ ମିଳିଥିଲା।

### ପୋଲିସ ପକ୍ଷରୁ ଲାଠିଚାଳନା

ମାଷ୍ଟର କ୍ୟାଣ୍ଟିନ ଛକରେ କିଛି ଦେକାନ ବଜାର ବନ୍ଦ କରିବାକୁ ଯାଇ ବିକ୍ଷୋଭକାରୀମାନେ ଉତ୍ତେଜନା ସୃଷ୍ଟି କରିବାରୁ ପୋଲିସ ମୃଦୁ ଲାଠି ଚାଳନା କରିଥିଲା। ସେହିପରି ବାଣୀବିହାର ପେଟ୍ରୋଲ ପମ୍ପ ଖୋଲାଥିବାବେଳେ ଏହାକୁ ବନ୍ଦ କରିବାରୁ ଉତ୍ତେଜନା ଦେଖାଦେଇଥିଲା।

### ବୁଲେଟ ସାଇଲେନ୍ସରରେ ଶବ୍ଦ ସୃଷ୍ଟି କରି ଡରାଇଲେ

ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ସମର୍ଥକମାନେ ବୁଲେଟ୍ ସାଇଲେନ୍ସରରେ ପ୍ରଚଣ୍ଡ ଶବ୍ଦ ସୃଷ୍ଟି କରିଥିଲେ। ଫଳରେ ସ୍ଥାନୀୟ ଲୋକେ ଆତଙ୍କିତ ହୋଇପଡ଼ିଥିଲେ। ଏ ନେଇ ଡିସିପି ଉମାଶଙ୍କର ଦାସ କହିଛନ୍ତି, ପୋଲିସ ୩ଟି ବାଇକ ଜବତ କରିଛି। ସିସିଟିଭି ଫୁଟେଜରୁ ଅନ୍ୟ ବାଇକ୍‌କୁ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ନିଆଯିବ।

### 'ରାତି ପାହିଲେ ପରୀକ୍ଷା, ଆମେ କଣ କରିବୁ'

'ରାତି ପାହିଲେ ଆମ ପରୀକ୍ଷା। ତେଣୁ କେମିତି ପରୀକ୍ଷା କେନ୍ଦ୍ରରେ ପହଞ୍ଚିବୁ ସେଇ ଚିନ୍ତା ଆମକୁ ଘାରିଛି।' ବନ୍ଦ ଯୋଗୁ ଭୁବନେଶ୍ୱର ରେଳ ଷ୍ଟେଶନ୍‌ରେ ଫସି ରହିଥିବା କେତେଜଣ ଛାତ୍ରୀଛାତ୍ର ଏହା କହିଛନ୍ତି। କରୋନା କଟକଣା ଯୋଗୁ ଅଳ୍ପ କେତୋଟି ସ୍ପେଶାଲ୍ ଟ୍ରେନ୍ ଚାଲୁଥିବାବେଳେ ଏବେ ବିଏଡ୍ ପରୀକ୍ଷା ଥିବାରୁ ହଜାର ହଜାର ଛାତ୍ରୀଛାତ୍ର ରାଜ୍ୟ ବାହାରକୁ ଯାଉଥିଲେ। ତେବେ ଭାରତ ବନ୍ଦ ଯୋଗୁ ଟ୍ରେନ୍ ଚଳାଚଳ ବ୍ୟାହତ ହୋଇଥିଲା। ଏଥିପାଇଁ ଅନେକ ଛାତ୍ରୀଛାତ୍ର ମନଦୁଃଖରେ ଷ୍ଟେଶନ୍‌ରେ ବସିରହିଥିବା ଦେଖିବାକୁ ମିଳିଥିଲା।

# କଟକରେ ମିଶ୍ରିତ ପ୍ରଭାବ

କଟକ ଅଫିସ,୮।୧୨

କେନ୍ଦ୍ରର ୩ ବିବାଦୀୟ କୃଷି ଆଇନ ପ୍ରତ୍ୟାହାର ଦାବିରେ ମଙ୍ଗଳବାର ଭାରତ ବନ୍ଦ ଡାକରା ଦିଆଯାଇଥିଲା। ଏହି ବନ୍ଦ୍‌ର ମିଶ୍ରିତ ପ୍ରଭାବ କଟକ ସହରରେ ଦେଖିବାକୁ ମିଳିଥିଲା। ସହରରେ ବସ୍ ଓ ଅଟୋ ଚଳାଚଳ ବନ୍ଦ ରହିଥିବାବେଳେ ଟ୍ରେନ୍ ଚଳାଚଳ ସମାନ୍ୟ ବାଧାପ୍ରାପ୍ତ ହୋଇଥିଲା। ଅନ୍ୟପକ୍ଷରେ ଦୋକାନବଜାର ଆଂଶିକ ଭାବେ ଖୋଲାଥିଲା। ତେବେ ବନ୍ଦ୍‌ର ପ୍ରଭାବ ସବୁଠୁ ଅଧିକ ବାଦାମବାଡି ବସ୍‌ଷ୍ଟାଣ୍ଡ ଓ ମଧୁପାଟଣା ଅଞ୍ଚଳରେ ଦେଖିବାକୁ ମିଳିଥିଲା। ବାମଦଳ ଓ ବିଭିନ୍ନ କୃଷକ ସଙ୍ଗଠନର କର୍ମକର୍ତ୍ତାମାନେ ପୂର୍ବାହ୍ନ ୧୦ଟାରେ ମଧୁପାଟଣାଠାରେ ପ୍ରତିବାଦ ସଭା କରିଥିଲେ। ପରେ ବାଦାମବାଡିରେ ପହଞ୍ଚି ଯାନବାହନ ଅଟକାଇଥିଲେ। ସେହିପରି କଂଗ୍ରେସ କର୍ମୀମାନେ କଚେରୀ ଛକରୁ ବାହାରି ବାଦାମବାଡିରେ ପହଞ୍ଚି ବସ୍ ରୋକିବା ସହ ଓ ପ୍ରତିବାଦ କରିଥିଲେ। ପୋଲିସ ପ୍ରତିବାଦକାରୀଙ୍କୁ ଘଉଡାଇବା ସହ କେତେଜଣଙ୍କୁ ଗିରଫ କରିବା ପରେ ଛାଡି ଦେଇଥିଲା।

ଏ ସ୍ ୟୁ ସି ଆ ଇ ( ସି ), ସିପିଆଇ(ଏମ୍), ସିପିଆଇ ପକ୍ଷରୁ ଲିଙ୍କ୍‌ରୋଡଠାରେ ଶୋଭାଯାତ୍ରା ସହ ପ୍ରତିବାଦ ସଭା କରାଯାଇଥିଲା। ଏହାପରେ ଆନ୍ଦୋଳନକାରୀମାନେ ଲିଙ୍କ୍‌ରୋଡଠାରେ ରାସ୍ତାରୋକୋ କରିଥିଲେ। ଫଳରେ ପୋଲିସ ସେଠାରୁ ଶତାଧିକ କର୍ମୀଙ୍କୁ ଗିରଫ କରିଥିଲା। ଏସ୍‌ୟୁସିଆଇ(ସି) ନେତା ବିଶ୍ୱାବସୁ ଦାସ, ଖଗେଶ୍ୱର ସେଠୀ, ସିପିଆଇ(ଏମ୍) ନେତା ରବି ମଲ୍ଲିକ, ବଦ୍ରିନାରାୟଣ ଦାସ, ସିପିଆଇ ନେତା କିଶୋର ଜେନା, ହରିହର ମହାନ୍ତି, ଏଚ୍‌ଏମ୍‌ଏସ୍ ସଙ୍ଗଠନର ନେତା ବିଜୟ ପତି, ମନୋରଞ୍ଜନ ମହାରଣା ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ। ସେହିପରି ଜଗତ୍‌ପୁର ଗୋଲେଇ ଛକଠାରେ ବାମ ଦଳ ଓ କଂଗ୍ରେସ ପକ୍ଷରୁ ରାସ୍ତାରୋକୋ କରାଯାଇଥିଲା। କର୍ମୀମାନେ ଜଗତ୍‌ପୁର ଥାନା ପାଖରୁ ପଦଯାତ୍ରା ବାହାରି ଗୋଲେଇ ଛକ ପାଖରେ ପହଞ୍ଚି ବିକ୍ଷୋଭ କରିଥିଲେ। ଏଥିରେ ବାମପନ୍ଥୀ ନେତା ଉଦୟ କେଶରୀ ବର୍ମା, ସିପିଆଇ କଟକ ଜିଲା ସମ୍ପାଦକ ଅମରେନ୍ଦ୍ର ମହାନ୍ତି, କଂଗ୍ରେସ ନେତା ମାନସ ପରିଡା, କଟକ ନଗର ୪ନଂ. ୱାର୍ଡ କଂଗ୍ରେସ ସଭାପତି ଅଲେଖ ଚନ୍ଦ୍ର ବେହେରା ସାମିଲ ହୋଇଥିଲେ। ଜଗତ୍‌ପୁର ଥାନା ଅଧିକାରୀ ସେଠାରେ ପହଞ୍ଚି ଅବରୋଧ ହଟାଇବା ସହ ବିକ୍ଷୋଭକାରୀଙ୍କୁ ଗିରଫ କରି କିଛି ସମୟ ପରେ ଛାଡି ଦେଇଥିଲେ। ଭାରତ ବନ୍ଦକୁ ସମର୍ଥନ କରି ଉତ୍କଳ ଖଦି ମଣ୍ଡଳ ପକ୍ଷରୁ ପୁରୀଘାଟ ଗାନ୍ଧୀପୀଠରେ ଦିନିକିଆ ସତ୍ୟାଗ୍ରହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଆଇନଜୀବୀ ବୈଷ୍ଣବ ଦାସ, ଲକ୍ଷ୍ମୀପ୍ରିୟା ମହାନ୍ତି, ଅକ୍ଷୟ ଦାସ, ଅଜୟ ମହାନ୍ତି, ଗଜେନ୍ଦ୍ର ପାଣି, ଆନନ୍ଦ ବେହେରା ଓ କାଶୀନାଥ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ସେହିପରି ଆମ୍ ଆଦ୍‌ମୀ ପାର୍ଟି ପକ୍ଷରୁ ତିନିକୋଣିଆ ବଗିଚାସ୍ଥିତ କାର୍ଯ୍ୟାଳୟରୁ ବକ୍ସିବଜାର ଓ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜନ୍ମସ୍ଥାନ ପର୍ଯ୍ୟନ୍ତ ପଦଯାତ୍ରା କରାଯାଇଥିଲା। ଦଳର କଟକ ନଗର ସଭାପତି ଶେଖ ମୁକ୍ତାକିମ୍ ବକ୍ସଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିବା ବିକ୍ଷୋଭରେ କଟକ-ଚୌଦ୍ୱାର ଆବାହକ ପ୍ରଦ୍ୟୁମ୍ନ ଚକ୍ରବର୍ତ୍ତୀ, କଟକ ନଗର ସମ୍ପାଦକ ବିଜୟ ମହାରଣା, ରାଜ୍ୟ ମହିଳା ନେତ୍ରୀ ରେଶମା ଖାନମ୍, କ୍ଷୀରେନ୍ଦ୍ର ବେହେରା ପ୍ରମୁଖ ସାମିଲ ହୋଇଥିଲେ।

ଭାରତ ବନ୍ଦ ଯୋଗୁ ମାଲଗୋଦାମ, ଚୌଧୁରୀବଜାର, ବାଲୁବଜାର ଆଦି ସ୍ଥାନରେ ଦୋକାନବଜାର ଖୋଲାଥିଲେ ମଧ ଗ୍ରାହକ ନଥିବାରୁ ବ୍ୟବସାୟ ମାନ୍ଦା ରହିଥିଲା। ଅନ୍ୟପକ୍ଷରେ ମଙ୍ଗଳାବାଗ, କଲେଜଛକ, ନୟାସଡ଼କ ଅଞ୍ଚଳରେ ସମସ୍ତ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ଥିଲା।


ବାଦାମବାଡ଼ିସ୍ଥିତ ଏକ ଘରୋଇ ବ୍ୟାଙ୍କ ମୁଖ୍ୟ ଦ୍ୱାର ଗ୍ଲାସ୍‌କୁ ଆନ୍ଦୋଳନକାରୀ ଭାଙ୍ଗି ଦେଇଛନ୍ତି।

## ବଡ଼ମ୍ବା, ସାଲେପୁରରେ ବନ୍ଦ ଶାନ୍ତିପୂର୍ଣ୍ଣ

ବଡ଼ମ୍ବା/ସାଲେପୁର (ଡି.ଏନ୍.ଏ.) ୮।୧୨

କେନ୍ଦ୍ର ସରକାରଙ୍କ ନୂତନ କୃଷି ଆଇନ-୨୦୨୦ର ଉଚ୍ଛେଦ ଦାବିରେ ବଡ଼ମ୍ବା ବ୍ଲକରେ ମଙ୍ଗଳବାର ଅଖିଳ ଭାରତ କୃଷକ ସମନ୍ୱୟ ସମିତି ପକ୍ଷରୁ ବନ୍ଦ ଡାକରା ଦିଆଯାଇଥିଲା। ବିଭିନ୍ନ ସଙ୍ଗଠନ ପକ୍ଷରୁ ବାଇକ୍ ଶୋଭାଯାତ୍ରା ବାହାରି ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ବିକ୍ଷୋଭ ପ୍ରଦର୍ଶନ କରିଥିଲା। ଏଥିରେ ଦାମୋଦର ରଣା, ଅଜୟ କୁମାର ସାମନ୍ତରାୟ, ଅଭିମନ୍ୟୁ ସାହୁ, ରମେଶ ଦାସ, ଅମୀୟ ପଟ୍ଟନାୟକ ଓ ବଳଭଦ୍ର ପ୍ରହରାଜ ପ୍ରମୁଖ ସାମିଲ ହୋଇଥିଲେ। ସେହିପରି ସାଲେପୁର ବ୍ଲକରେ କଂଗ୍ରେସ ଓ କୃଷକ ସଂଠନ ପକ୍ଷରୁ ବିଭିନ୍ନ ସ୍ଥାନରେ ରାସ୍ତାରୋକୋ ଓ ଧାରଣା ଦିଆଯାଇଥିଲା। ସାଲେପୁର ବଜାର କୁଆଁପାଳ ଛକରେ କଂଗ୍ରେସ ଦଳ ପକ୍ଷରୁ ରାସ୍ତାରୋକୋ କରାଯାଇଥିଲା।


ବଡ଼ମ୍ବାରେ ବାଇକ୍ ଶୋଭଯାତ୍ରା କରି ଶାନ୍ତିପୂର୍ଣ୍ଣ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି

## ବିଭିନ୍ନ ସ୍ଥାନରେ ବିକ୍ଷୋଭ, ରାସ୍ତାରୋକୋ

ଚୌଦ୍ୱାର/ଖୁଣ୍ଟୁଣୀ, ୮।୧୨(ଡି.ଏନ୍.ଏ.)

କେନ୍ଦ୍ରର ୩ ବିବାଦୀୟ କୃଷି ଆଇନ ପ୍ରତ୍ୟାହାର ଦାବିରେ ମଙ୍ଗଳବାର ଭାରତ ବନ୍ଦ ଡାକରା ଦିଆଯାଇଥିଲା। ଏହି ବନ୍ଦର ପ୍ରଭାବ ଚୌଦ୍ୱାର ସହର ସମେତ ଗ୍ରାମାଞ୍ଚଳରେ ଦେଖିବାକୁ ମିଳିଥିଲା। ସହରରେ ଥିବା ସମସ୍ତ ଛୋଟବଡ ବ୍ୟବସାୟ ପ୍ରତିଷ୍ଠାନ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ବିଭିନ୍ନ ବ୍ୟାଙ୍କ ସହିତ ଯାନବାହନ ଚଳାଚଳ ବନ୍ଦ ରହିଥିଲା। ପୂର୍ବାହ୍ନ ୧୧ଟାରେ ଚୌଦ୍ୱାର ଗାନ୍ଧୀଛକଠାରେ ଚୌଦ୍ୱାର ନଗର କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ ସହ ରାସ୍ତାରୋକୋ କରାଯାଇଥିଲା। ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ଚୌଦ୍ୱାର ପୋଲିସ ପକ୍ଷରୁ ବ୍ୟାପକ ଫୋର୍ସ ମୁତୟନ କରାଯାଇଥିଲା। ଅପରାହ୍ନ ୩ଟାରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।

ଖୁଣ୍ଟୁଣୀ ଅଞ୍ଚଳରେ ଭାରତ ବନ୍ଦକୁ କଂଗ୍ରେସ ଦଳ ସମର୍ଥନ କରିଛି। ପୂର୍ବତନ ବିଧାୟକ ଉମାବଲ୍ଲଭ ରଥଙ୍କ ନେତୃତ୍ୱରେ ଆଠଗଡ-ତିଗିରିଆ ନିର୍ବାଚନ ମଣ୍ଡଳୀରେ ଭାରତ ବନ୍ଦ ଡାକରା ଶାନ୍ତିପୂର୍ଣ୍ଣ ଭାବେ ଶେଷ ହୋଇଛି। ବନ୍ଦ ଯୋଗୁ ଖୁଣ୍ଟୁଣୀ ବଜାରର ଜାତୀୟ ରାଜପଥରେ ବହୁସଂଖ୍ୟାରେ ଯାନବାହନ ଅଟକି ରହିଥିଲା। ଖୁଣ୍ଟୁଣୀ ଯୁବ କଂଗ୍ରେସ ସଭାପତି ମୃତ୍ୟୁଞ୍ଜୟ ପଣ୍ଡା, ଲଳିତେନ୍ଦୁ ସାହୁ, ବସନ୍ତ ସାହୁ, ସୁଧୀର ଦାସ, ଧନୁରାମ ମୁର୍ମୁ, ମଙ୍ଗୁଳି ପାଣି, ରୋହିତ ମୁଦୁଲି, ବଂଶୀଧର ବାରିକ, ଅଶୋକ ଦାସ, ଜଳଧର ବେଉରାଙ୍କ ସମେତ ବହୁ କଂଗ୍ରେସ କର୍ମୀ ସାମିଲ ହୋଇ କେନ୍ଦ୍ରର ୩ କୃଷି ଆଇନ ପ୍ରତ୍ୟାହାର ପାଇଁ ଦାବି କରିଥିଲେ।


ବାଦାମବାଡ଼ି ଟ୍ରାଫିକ୍ ଛକରେ କଟକ ନଗର ଜିଲା କଂଗ୍ରେସ ପକ୍ଷରୁ ବିକ୍ଷୋଭ।

## ଏମ୍ସ ହଷ୍ଟେଲରୁ ଛାତ୍ରଙ୍କ ମୃତଦେହ ଜବତ

ଭୁବନେଶ୍ୱର, ୮।୧୨(ବ୍ୟୁରୋ)

ଏମ୍ସ ମେଡିକାଲ୍ କଲେଜ ହଷ୍ଟେଲ ବନ୍ଦ କୋଠରୀରୁ ମଙ୍ଗଳବାର ଜଣେ ପିଜି ଛାତ୍ରଙ୍କ ମୃତଦେହକୁ ପୋଲିସ ଜବତ କରିଛି। ମୃତକ ହେଲେ ତାମିଲନାଡୁର ପ୍ରବୀଣ କୁମାର। ଏ ନେଇ ଖଣ୍ଡଗିରି ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲା। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ଗତ କିଛି ଦିନ ହେବ ପ୍ରବୀଣଙ୍କ ମାନସିକ ସ୍ଥିତି ଭଲ ନ ଥିବା ବେଳେ ସେ ଅଧିକାଂଶ ସମୟ ମାନସିକ ଚାପରେ ରହୁଥିଲେ ବୋଲି ତାଙ୍କର କେତେଜଣ ହଷ୍ଟେଲ ବନ୍ଧୁ କହିଛନ୍ତି। ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ି ନ ଥିବା ବେଳେ ଏହା ଆତ୍ମହତ୍ୟା ବୋଲି ପ୍ରାଥମିକ ତଦନ୍ତରୁ ପୋଲିସ ସନ୍ଦେହ କରୁଛି। ଏ ନେଇ ତଦନ୍ତ ଜାରି ରହିଛି।

ସୂଚନା ଅନୁଯାୟୀ, ତାମିଲନାଡୁର ପ୍ରବୀଣ କୁମାର ଭୁବନେଶ୍ୱର ଏମ୍ସରେ ପିଜି ପ୍ରଥମ ବର୍ଷରେ ନାମ ଲେଖାଇଥିଲେ। କରୋନା ଯୋଗୁ ଅନ୍ୟ ଛାତ୍ରମାନେ ନିଜ ନିଜ ଘରକୁ ଚାଲିଯାଇଥିବାବେଳେ ପ୍ରବୀଣ ହଷ୍ଟେଲ୍ ରୁମ୍‌ରେ ଏକା ରହୁଥିଲେ। ସୋମବାର ରାତିରେ ସେ ରୁମ୍‌ରେ ଶୋଇଥିଲେ। ତେବେ ମଙ୍ଗଳବାର ସକାଳେ ପାଖ ରୁମ୍‌ରେ ରହୁଥିବା ଛାତ୍ରମାନେ କବାଟ ବାଡେଇ ଡାକିଥିଲେ ମଧ୍ୟ ସେ କବାଟ ଖୋଲି ନ ଥିଲେ। ପରେ ସେମାନେ ପୋଲିସକୁ ଖବର ଦେଇଥିଲେ। ଏମ୍ସ ଫାଣ୍ଡି ଅଧିକାରୀ ବାଦଲ କୁମାର ବରାଳ ଘଟଣାସ୍ଥଳରେ ପହଞ୍ଚି କବାଟ ଭାଙ୍ଗି ଭିତରକୁ ଯିବା ପରେ ପ୍ରବୀଣ ତଳେ ପଡ଼ିଥିବା ଦେଖିଥିଲେ। ତାଙ୍କୁ ତୁରନ୍ତ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପ୍ରବୀଣଙ୍କ ମାନସିକ ସ୍ଥିତି ଭଲ ନ ଥିବାବେଳେ ସେ ପ୍ରଚୁର ଆନାସ୍ଥେସିଆ ନେଇଥିବା ଯୋଗୁ ତାଙ୍କ ମୃତ୍ୟୁ ହୋଇଥିବା ପୋଲିସ ସନ୍ଦେହ କରୁଛି।



ଭାରତୀୟ କେନ୍ଦ୍ରୀୟ ଔଷଧ ପରିଷଦର ବିଜ୍ଞପ୍ତିକୁ ପତ୍ୟାହାର କରିବା ଦାବି ନେଇ ଭାରତୀୟ ଚିକିତ୍ସକ ସଂଘ, ଓଡ଼ିଶା ଶାଖା ପକ୍ଷରୁ ମଙ୍ଗଳବାର କଟକସ୍ଥିତ ଆଇଏମ୍ଏ ହାଉସ୍ ପରିସରରୁ ବାହାରିଥିବା ଶୋଭାଯାତ୍ରା।

## କଟକ ସଦର ବ୍ଲକ ବିଜେଡି ସଭାପତି ହେଲେ ପ୍ରମୋଦ

କଟକ ସଦର, ୮।୧୨(ଡି.ଏନ୍.ଏ.)

କଟକ ସଦର ବ୍ଲକ ବିଜେଡି ସଭାପତି ଭାବେ ପ୍ରମୋଦ ମହାପାତ୍ର ନିର୍ବାଚିତ ହୋଇଛନ୍ତି। ତୃତୀୟଥର ପାଇଁ ମହାପାତ୍ର ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବାରୁ ବ୍ଲକର ସରପଞ୍ଚ ଓ ସମିତି ସଭ୍ୟାସଭ୍ୟମାନେ ଅଭିନନ୍ଦନ ଜଣାଇଛନ୍ତି। ନୂଆ ସଭାପତିଙ୍କ ନିର୍ବାଚନ ସଂକ୍ରାନ୍ତରେ ନିର୍ବାଚନ ଅଧିକାରୀ ଦେବାଶିଷ ସାମନ୍ତରାୟ ସୂଚନା ଦେଇଛନ୍ତି।

## ଦାଦାବଟି ମାଗି ଜଣେ ଗିରଫ

ଭୁବନେଶ୍ୱର,୮।୧୨(ବ୍ୟୁରୋ)

ବଡଗଡ ଥାନା ପୋଲିସ ଦାଦାବଟି ମାଗିବା ଅଭିଯୋଗରେ ମଙ୍ଗଳବାର ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଶ୍ରୀଲିଙ୍ଗରାଜ ଥାନା ଅନ୍ତର୍ଗତ ନାଗେଶ୍ୱରଟାଙ୍ଗୀ ଭୋଇସାହିର ଆଲୋକ ନାୟକ। ତାଙ୍କ ନାମରେ ପୂର୍ବରୁ ୨୨ଟି ମାମଲା ରହିଥିବାବେଳେ ଦାଦାବଟି, ହତ୍ୟା ଉଦ୍ୟମ ଭଳି ସଙ୍ଗିନ୍ ମାମଲା ରହିଛି। ସେ ଜଣେ ପେଶାଦାର ଅପରାଧୀ ବୋଲି ପୋଲିସ କହିଛି। ସୂଚନା ଅନୁଯାୟୀ, ଲୁଇସ୍ ରୋଡ୍ ଆହ୍ଲାବାଦ୍ ବ୍ୟାଙ୍କ ନିକଟରେ ପ୍ରମୋଦ କୁମାର ସ୍ୱାଇଁଙ୍କର ଏକ ପାନ ଦୋକାନ ରହିଛି। ଗତ ୭ ତାରିଖରେ ଆଲୋକ ଦୋକାନକୁ ଯାଇ ଦାଦାବଟି ମାଗିଥିଲେ।

## ବିକ୍ଷୋଭକାରୀଙ୍କ ଘରକୁ ପଠାଯିବ ଚାଲାଣ

ଭୁବନେଶ୍ୱର, ୮।୧୨(ବ୍ୟୁରୋ)

### ବନ୍ଦ ବେଳେ ବିନା ହେଲମେଟ୍‌ରେ ବାଇକ ରାଲି

ମଙ୍ଗଳବାର ଭାରତ ବନ୍ଦ ସମୟରେ ଟ୍ରାଫିକ ନିୟମ ଉଲ୍ଲଂଘନ କରିଥିବା ବିକ୍ଷୋଭକାରୀଙ୍କ ଠାରୁ ଜରିମାନା ଆଦାୟ କରାଯିବ। ବିନା ହେଲ୍‌ମେଟରେ ବାଇକ ରାଲି କରିଥିବା ବନ୍ଦ ସମର୍ଥନକାରୀଙ୍କଠାରୁ ନୂତନ ଟ୍ରାଫିକ ନିୟମ ଅନୁସାରେ ଏହି ଚାଲାଣ କଟାଯିବ। କମିଶନରେଟ୍ ପୋଲିସ ପକ୍ଷରୁ ଏମାନଙ୍କ ଗାଡ଼ି ଚିହ୍ନଟ କରାଯାଇ ନମ୍ବର ରଖାଯାଇଥିଲା। ଏଥିସହିତ ବିନା ହେଲମେଟ୍‌ରେ ବାଇକ ରାଲି କରିଥିବା ସମସ୍ତ ବିକ୍ଷୋଭକାରୀଙ୍କ ଚିହ୍ନଟ ପାଇଁ ଟ୍ରାଫିକ୍ ପୋଲିସ ସହରର ବିଭିନ୍ନ ଟ୍ରାଫିକ ପୋଷ୍ଟରେ ଲଗାଯାଇଥିବା ସିସିଟିଭି କ୍ୟାମେରା ଫୁଟେଜ୍ ଯାଞ୍ଚ କରୁଛି। ପରେ ଚିହ୍ନଟ ଗାଡ଼ି ନମ୍ବର ଅନୁସାରେ ପୋଷ୍ଟାଲ ମାଧ୍ୟମରେ ସେମାନଙ୍କ ଘର ଠିକଣାରେ ଚାଲାଣ ପଠାଯିବ। ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ ଏ ନେଇ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏଥିସହ ଭାରତ ବନ୍ଦ ପାଳନ ସମୟରେ ଭୁବନେଶ୍ୱର ଓ କଟକରେ କୌଣସି ଗଣ୍ଡଗୋଳ ଘଟି ନ ଥିବା ସେ କହିଛନ୍ତି।

ସୂଚନାଯୋଗ୍ୟ, କୃଷକ ସଙ୍ଗଠନଗୁଡ଼ିକ ପକ୍ଷରୁ ଶାନ୍ତିପୂର୍ଣ୍ଣ ବନ୍ଦ ଡାକରା ଦିଆଯାଇଥିବା ବେଳେ ବିଭିନ୍ନ ରାଜନୈତିକ ଦଳ ଏହାକୁ ସମର୍ଥନ କରିଥିଲେ। ତେବେ ବନ୍ଦ ସମୟରେ କେତେକ ସଙ୍ଗଠନର କର୍ମକର୍ତ୍ତାମାନେ ବିନା ହେଲ୍‌ମେଟ୍‌ରେ ବାଇକ ରାଲି କରୁଥିବା ଦେଖିବାକୁ ମିଳିଥିଲା। ଟ୍ରାଫିକ ନିୟମ ଉଲ୍ଲଂଘନ କରି ଏମାନେ ସହରର ବିଭିନ୍ନ ସ୍ଥାନ ବୁଲିବା ସହ ହାତରେ ବାଡ଼ି ଧରି କାଁ ଭାଁ ଖୋଲାଥିବା ଛୋଟ ଚା ଓ ଜଳଖିଆ ଦୋକାନ ବନ୍ଦ କରିବାକୁ କହି ଗଣ୍ଡଗୋଳ କରିଥିଲେ।

## ନାବାଳିକାଙ୍କୁ ଦୁର୍ବ୍ୟବହାର: ଯୁବକ ଗିରଫ

ଭୁବନେଶ୍ୱର,୮।୧୨(ବ୍ୟୁରୋ)

ଲିଙ୍ଗରାଜ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଦୁର୍ବ୍ୟବହାର ଅଭିଯୋଗରେ ପୋଲିସ ମଙ୍ଗଳବାର ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଧଉଳି ଥାନା ଅଞ୍ଚଳର ସୁବାସ କାବୁ ଓରଫ ଅମୀର(୨୮)। ତାଙ୍କ ନିକଟରୁ ଏକ ସ୍କୁଟି ଜବତ କରାଯାଇଛି। ଶନିବାର ନାବାଳିକା ଦୋକାନରୁ ଫେରୁଥିବାବେଳେ ଅମୀର ତାଙ୍କୁ ଅଟକାଇ ଦୁର୍ବ୍ୟବହାର କରିଥିଲେ। ନାବାଳିକାଙ୍କ ମା'ଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୨୩୮/୨୦) ରୁଜୁ କରିଥିଲା।

## ବିଦ୍ୟାଳୟ ସମସ୍ୟା ଦୂର ପାଇଁ ମିଳିଲା ପ୍ରତିଶ୍ରୁତି

ବାଲିଅନ୍ତା,୮।୧୨(ଡି.ଏନ୍.ଏ.)

ବାଲିଅନ୍ତାସ୍ଥିତ ଜବାହରଲାଲ ନେହେରୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସ୍ଥାପିତ ହେବାର ୨୬ବର୍ଷ ବିତିଯାଇଥିଲେ ମଧ୍ୟ ଆବଶ୍ୟକ ଶ୍ରେଣୀଗୃହ, ପାଚେରି, ପିଇବା ପାଣି, ଶୌଚାଳୟ ଆଦି ସମସ୍ୟା ରହିଛି। ଏସବୁ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇ ତାହାକୁ ଦୂର କରାଯିବ ବୋଲି ଜୟଦେବ ବିଧାୟକ ଡ.ଅରବିନ୍ଦ ଢାଲି କହିଛନ୍ତି। ସୋମବାର ବିଦ୍ୟାଳୟ ପରିସରରେ ଥିବା ଉଦ୍ୟାନରେ ଚାରାରୋପଣ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସେ ଏହା କହିଛନ୍ତି। ୨୦ବର୍ଷ ଧରି ଅସମ୍ପୂର୍ଣ୍ଣ ଅବସ୍ଥାରେ ପଡ଼ିଥିବା ଶ୍ରେଣୀଗୃହର ମରାମତି ଖୁବ୍‌ଶୀଘ୍ର କରାଯିବ ବୋଲି ବିଧାୟକ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟା ଅରୁନ୍ଧତିସାହୁ, ଭାଗ୍ୟଲକ୍ଷ୍ମୀ ମିଶ୍ର, ବେଣ୍ଟପୁର ସରପଞ୍ଚ ରଶ୍ମିତା ପାତ୍ର, କୁଶ ପାତ୍ର, ଦିଲୀପ ସାହୁ, କାଳିଆକର ଚୌଧୁରୀ, ଆଶିଷ ଦାଶ, ଦେବେନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ବିଦ୍ୟାଳୟ ଅଧକ୍ଷ ଡ.ଧରଣୀଧର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ନାବାଳିକାଙ୍କୁ ଦୁର୍ବ୍ୟବହାର: ଯୁବକ ଗିରଫ

ଭୁବନେଶ୍ୱର,୮।୧୨(ବ୍ୟୁରୋ): ଲିଙ୍ଗରାଜ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଦୁର୍ବ୍ୟବହାର କରିବା ଅଭିଯୋଗରେ ପୋଲିସ ମଙ୍ଗଳବାର ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଧଉଳି ଥାନା ଅଞ୍ଚଳର ସୁବାସ କାବୁ ଓରଫ ଅମୀର(୨୮)। ତାଙ୍କ ନିକଟରୁ ଏକ ସ୍କୁଟି ଜବତ କରାଯାଇଛି। ସୂଚନା ମୁତାବକ, ଦୀର୍ଘ ଦୁଇ ମାସ ଧରି ଅମୀର ନାବାଳିକା ଜଣଙ୍କୁ ପିଛା କରିବା ସହ ରାସ୍ତାରେ ଅଟକାଇ ହଇରାଣ କରୁଥିଲେ। ଶନିବାର ସକାଳେ ନାବାଳିକା ଜଣକ ଦୋକାନକୁ ଯାଇ ଆସୁଥିବା ବେଳେ ଅମୀର ତାଙ୍କୁ ଅଟକାଇ ପ୍ରେମ ନିବେଦନ କରିବା ସହ ଧମକାଇଥିଲେ। ନାବାଳିକା ଜଣକ ଘରେ ପହଞ୍ଚି ସମସ୍ତ ଘଟଣା କହିଥିଲେ। ଏନେଇ ନାବାଳିକାଙ୍କ ମା'ଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୨୩୮/୨୦) ରୁଜୁକରିଥିଲା।

### ଦୋକାନରେ ନିଆଁ ଲଗାଇଦେବା ଘଟଣା: ଜଣେ ଗିରଫ

ଭୁବନେଶ୍ୱର,୮।୧୨(ବ୍ୟୁରୋ): ଦୋକାନରେ ନିଆଁ ଲଗାଇଦେବା ଘଟଣାରେ ଖଣ୍ଡଗିରି ଥାନା ପୋଲିସ ମଙ୍ଗଳବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅଧୀନ କୋଳଥିଆର ବାପୁ ପାତ୍ର(୨୩)। ସୂଚନା ଅନୁଯାୟୀ, କୋଳଥିଆ ଗ୍ରାମରେ ମଧୁସୂଦନ ଦାସଙ୍କ ଏକ ଗ୍ରସେରି ଦୋକାନ ରହିଛି। ଅଭିଯୁକ୍ତ ବାପୁ ତାଙ୍କ ପଡୋଶୀ ହୋଇଥିବା ବେଳେ କୌଣସି କାରଣ ନେଇ ଦୁଇଦିନ ପୂର୍ବେ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ବାପୁ ଉତ୍କ୍ଷିପ୍ତ ହୋଇ ସୋମବାର ବିଳମ୍ବିତ ରାତିରେ ମଧୁସୂଦନଙ୍କ ଦୋକାନରେ ନିଆଁ ଲଗାଇ ଦେଇଥିଲେ। ଅଗ୍ନିକାଣ୍ଡରେ ୨ଲକ୍ଷ ଟଙ୍କାର ସାମଗ୍ରୀ ପୋଡ଼ି ଯାଇଥିଲା। ଏନେଇ ମଧୁସୂଦନଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା ରୁଜୁକରି ବାପୁଙ୍କୁ ଗିରଫ କରିଥିଲା।

### ୨୦ ରେ 'ରୋଜା'ର ବାର୍ଷିକୋତ୍ସବ

ଜଟଣୀ,୮।୧୨(ଡି.ଏନ.ଏ): ଜଟଣୀର ସର୍ବପୁରାତନ ତଥା ୧୦୫ ବର୍ଷର ରେଲ୍‌ୱେ ସ୍କୁଲର ପୁରାତନ ବିଦ୍ୟାର୍ଥୀ ସଙ୍ଗଠନ (ରୋଜା)ର ବାର୍ଷିକ ଉତ୍ସବ ଆସନ୍ତା ୨୦ ତାରିଖରେ ଅନୁଷ୍ଠିତ ହେବ। ଏନେଇ 'ରୋଜା'ର ସଭାପତି ଡା. ସଞ୍ଜୟ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଏହା ସ୍ଥିର ହୋଇଛି। କରୋନା ମହାମାରୀକୁ ଦୃଷ୍ଟିରେ ରଖି ୱେବିନାର ମାଧ୍ୟମରେ ନିରାଡ଼ମ୍ବର ଭାବେ ଏହା ପାଳନ କରିବାକୁ ନିଷ୍ପତ୍ତି ହୋଇଛି। ରେଲ୍‌ୱେ ସ୍କୁଲର ମାଟ୍ରିକ ଓ ଯୁକ୍ତ ୨ର କୃତୀ ବିଦ୍ୟାର୍ଥୀଙ୍କୁ ଏଥିରେ ସମ୍ବର୍ଦ୍ଧିତ କରାଯିବ। ସଙ୍ଗଠନର ସାଧାରଣ ସମ୍ପାଦକ ଡ. ତପନ ମିଶ୍ରଙ୍କ ସମେତ ଅରୁଣ ମହାନ୍ତି, ବିନୋଦ ମିଶ୍ର, ରାଧାମୋହନ ପଟ୍ଟନାୟକ, ଶଙ୍କର ନାୟକ, ପ୍ରଣତି ସ୍ୱାଇଁ, ନିରଞ୍ଜନ ମିଶ୍ର, ରଞ୍ଜିତ ଦାସ, ଗୌରୀଶଙ୍କର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ବଢୁଛି ଅସନ୍ତୋଷ, ନିର୍ମାଣ ଦାବି ତେଜିଲା

**ପାଇକ ସ୍ମାରକୀ ଶିଳାନ୍ୟାସକୁ ବର୍ଷେ ବିତିଲା**

- ବିଭିନ୍ନ ସଙ୍ଗଠନର ପ୍ରତିବାଦ
- ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦିଆଯିବ

ଖୋର୍ଦ୍ଧା ଅଫିସ,୮।୧୨

ଖୋର୍ଦ୍ଧାର ବରୁଣେଇ ପାହାଡ଼ ପାଦଦେଶରେ ପାଇକ ସ୍ମାରକୀ ନିର୍ମାଣ ଶିଳାନ୍ୟାସକୁ ମଙ୍ଗଳବାର ବର୍ଷେ ବିତିଥିଲେ ମଧ ବର୍ତ୍ତମାନ ସୁଦ୍ଧା ସରକାରଙ୍କ ପକ୍ଷରୁ ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ଲାଗି କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ପାଇକ ସ୍ମାରକୀ ନିର୍ମାଣ ବିଳମ୍ବ ନେଇ ବିଭିନ୍ନ ପାଇକ ସଙ୍ଗଠନ ସମେତ ଗବେଷକ, ବୁଦ୍ଧିଜୀବୀଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ସ୍ମାରକୀ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ଦାବି ତେଜିବାରେ ଲାଗିଛି। ଏହାର ପ୍ରତିବାଦରେ ମଙ୍ଗଳବାର କଳିଙ୍ଗ ପାଇକ ସଙ୍ଗଠନ, ତାପଙ୍ଗ ଦଳବେହେରା ସ୍ମୃତି ପରିଷଦ, ପିଣ୍ଡିକ ବାହୁବଳେନ୍ଦ୍ର ସ୍ମୃତି କମିଟି, ଓଡ଼ିଶା ପାଇକ ମହାସଂଘ, ନିଉ ଥିଙ୍କିଙ୍ଗ ଫୋରମ, ଖୋର୍ଦ୍ଧା ସୁରକ୍ଷା ମଞ୍ଚ, ଖୋର୍ଦ୍ଧା ଐତିହାସିକ ସମାଜ, ଜୟୀ ରାଜଗୁରୁ ସ୍ମୃତି ପରିଷଦ ଅନୁଷ୍ଠାନ ପକ୍ଷରୁ ପୃଥକ୍ ଭାବେ ପ୍ରସ୍ତାବିତ ନିର୍ମାଣ ସ୍ଥାନରେ ବିକ୍ଷୋଭ କରାଯାଇଥିଲା। ଏହି ପ୍ରସଙ୍ଗରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦିଆଯିବ ବୋଲି ବରିଷ୍ଠ ସଂସ୍କୃତି ଗବେଷକ ପ୍ରଫୁଲ୍ଲ ସାମନ୍ତରାୟ କହିଛନ୍ତି। ଐତିହ୍ୟ ଗବେଷକ ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସ, କଳିଙ୍ଗ ପାଇକ ସଙ୍ଗଠନ ସଭାପତି ବଂଶୀଧର ଜଗଦ୍ଦେବ, ସମ୍ପାଦକ କୃଷ୍ଣଚନ୍ଦ୍ର ହରିଚନ୍ଦନ, ଉପଦେଷ୍ଟା ଭୀମସେନ ପ୍ରଧାନ, ଗବେଷକ ସତ୍ୟବାଦୀ ବଳିୟାରସିଂ, ଯୁବ ଉଦ୍ୟୋଗପତି ସଞ୍ଜୟ ପଟ୍ଟନାୟକ, ନରେନ୍ଦ୍ର ପୃଷ୍ଟି, ଖୋର୍ଦ୍ଧା ସୁରକ୍ଷା ମଞ୍ଚ ଆବାହକ ଶୋଭନ ଘୋଷ, ମୃତ୍ୟୁଞ୍ଜୟ ଛୋଟରାୟ, ରମଜାନ ଖାଁ, ଅବନୀ ଜେନା, ହରପ୍ରସାଦ ମହାପାତ୍ର ପ୍ରମୁଖ ପ୍ରତିବାଦ କରିଥିଲେ।

ଐତିହ୍ୟ ଗବେଷକ ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସଙ୍କ କହିବାନୁଯାୟୀ, ୧୮୧୭ରେ ପାଇକ ବିଦ୍ରୋହ ଆରମ୍ଭ ହୋଇଥିଲା। ୧୮୦୪ରେ ଜୟୀ ରାଜଗୁରୁଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା ରାଜ ବିଦ୍ରୋହ, ୧୮୧୭ରେ ପାଇକ ବିଦ୍ରୋହ, ୧୮୨୭ରେ ତାପଙ୍ଗ ବିଦ୍ରୋହ ଏବଂ ୧୮୩୬ରେ କୃତ୍ତିବାସ ପାଟଶାଣୀଙ୍କ ନେତୃତ୍ୱରେ ହୋଇଥିବା ସଂଗ୍ରାମ ପରେ ଏହା ଶେଷ ହୋଇଥିଲା। ବାଣପୁରରୁ ପାଇକ ବିଦ୍ରୋହ ଆରମ୍ଭ ହୋଇ ପୁଣି ସେହିଠାରେ ଶେଷ ହୋଇଥିଲା। ଏହି ବିଦ୍ରୋହର ଭୟାବହତା ସମ୍ପର୍କରେ ବ୍ରିଟିଶ ପ୍ରଶାସକ-ଐତିହାସିକ ଟ୍ୱେନ-ବିଙ୍କ ଇତିହାସରେ ଉଲ୍ଲେଖ ରହିଛି। ଏତଦ୍ ବ୍ୟତୀତ ଐତିହାସିକ ଷ୍ଟର୍ଲିଙ୍ଗ, ହଣ୍ଟସ୍ ଆଦିଙ୍କ ଇତିହାସରେ ସବିଶେଷ ତଥ୍ୟ ସ୍ଥାନିତ ହୋଇଛି। ରାଜ୍ୟ ଅଭିଲେଖାଗାରରେ ପାଇକ ବିଦ୍ରୋହ ସମ୍ପର୍କିତ ସମସ୍ତ ତଥ୍ୟ ଓ ପ୍ରତାବଳୀ ଓରିଶାନ ରେକର୍ଡ ଦ୍ୱିତୀୟ ଭାଗରେ ସଙ୍କଳିତ ହୋଇଛି। ଏଥିରେ ଜାତିବର୍ଣ୍ଣ ଧର୍ମ ନିର୍ବିଶେଷରେ ହୋଇଥିବା ଗଣ ସଂଗ୍ରାମକୁ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ଭାବେ ସ୍ୱୀକୃତି ଦିଆଯାଇଛି। ଭାରତର ରାଷ୍ଟ୍ରପତି, ଉପରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ଓଡ଼ିଶାର ରାଜ୍ୟପାଳ ଏବଂ ମୁଖ୍ୟମନ୍ତ୍ରୀ ଏହି ବୀରଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ପାଇକ ବିଦ୍ରୋହର ଗୁରୁତ୍ୱକୁ ପ୍ରତିପାଦନ କରିଛନ୍ତି ବୋଲି ସେ କହିଛନ୍ତି।


ବିଭିନ୍ନ ସଙ୍ଗଠନ ପକ୍ଷରୁ ପ୍ରତିବାଦ କରାଯାଉଛି।


ଖୋର୍ଦ୍ଧା ସନ୍ନିକଟ ଜରିପୁଟ ସଙ୍କଟମୋଚନଙ୍କ ପ୍ରଥମାଷ୍ଟମୀ ବେଶ।

## ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

ପୁରୀ ଅଫିସ,୮।୧୨

ପୁରୀ ନିଶାମୁକ୍ତି କେନ୍ଦ୍ରରେ ମଙ୍ଗଳବାର ଜଣେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଥିବା ନେଇ ଅଭିଯୋଗ ହୋଇଛି। ମୃତକ ହେଲେ ବାସେଳିସାହି ଥାନା ଅଧୀନ ଲୋକନାଥ ରୋଡର ମାନସ ଭୋଇ। ସୂଚନା ଅନୁଯାୟୀ, ମାନସ ୮ ମାସ ହେଲା ନିଶାମୁକ୍ତି କେନ୍ଦ୍ରରେ ଚିକିତ୍ସିତ ହେଉଥିଲେ। ଚିକିତ୍ସା ଲାଗି କେନ୍ଦ୍ର ପକ୍ଷରୁ ତାଙ୍କ ପରିବାରଠାରୁ ୪୦ ହଜାର ଟଙ୍କା ନିଆଯାଇଥିଲା। ଆଉ ୬ ହଜାର ଟଙ୍କା ଦେବାକୁ ବାକି ଥିଲା। ଯେଉଁଥିଲାଗି ମାନସଙ୍କ ସହିତ ସାକ୍ଷାତ୍ କରାଇ ଦିଆଯାଉ ନ ଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ତେବେ ସୋମବାର ମାନସଙ୍କ ଦେହ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲା। ଜିଲା ମୁଖ୍ୟ ଚିକିତ୍ସାଳୟରେ ତାଙ୍କୁ ପ୍ରାଥମିକ ଚିକିତ୍ସା କରି ନିଶାମୁକ୍ତି କେନ୍ଦ୍ର ଅଣାଯାଇଥିଲା। ପରେ ପୁଣି ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବଡ଼ ମେଡିକାଲ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ହେଲେ ସୋମବାର ପରିବାର ଲୋକ ଯେତେବେଳେ ମାନସଙ୍କୁ ଭେଟିବାକୁ ଯାଇଥିଲେ, ସେତେବେଳେ ସେ ଶୋଇଥିବା କେନ୍ଦ୍ର ପକ୍ଷରୁ କୁହାଯାଇଥିଲା। କିନ୍ତୁ ମଙ୍ଗଳବାର ସକାଳେ ମାନସଙ୍କ ମୃତ୍ୟୁ ହୋଇଥିବା ନେଇ ପରିବାର ଲୋକଙ୍କୁ ଫୋନ ଦ୍ୱାରା କୁହାଯାଇଥିଲା। ତେବେ ମାନସଙ୍କ ମୃତ୍ୟୁ ସନ୍ଦେହଜନକ ଥିବା ନେଇ ପରିବାର ଲୋକେ ଅଭିଯୋଗ କରିଛନ୍ତି। ମାନସଙ୍କ ମୃତ୍ୟୁକୁ ନେଇ ନିଶାମୁକ୍ତି କେନ୍ଦ୍ର ପକ୍ଷରୁ କିଛି ତ୍ରୁଟି ନ ଥିବା କୁହାଯାଇଛି। ଅନ୍ୟପଟେ ପରିବାର ଲୋକଙ୍କ ଅଭିଯୋଗ ପରେ ଘଟଣାର ଠିକ୍ ଭାବେ ତଦନ୍ତ କରାଯିବ ବୋଲି ସିଟି ଡିଏସ୍‌ପି କହିଛନ୍ତି।



ଇଣ୍ଡିଆନ ମେଡ଼ିକାଲ ଆସୋସିଏଶନ ପକ୍ଷରୁ ମଙ୍ଗଳବାର ପୁରୀ ମୁଖ୍ୟ ଚିକିତ୍ସାଳୟ ସମ୍ମୁଖରେ ଧାରଣା ଦିଆଯାଇଛି।

## 'ଯୁବ ସମାଜ ଦେଶର ମେରୁଦଣ୍ଡ'

ଖୋର୍ଦ୍ଧା ଅଫିସ,୮।୧୨

ସାମାଜିକ କର୍ମୀ ଦେବାଶିଷ ସ୍ୱାଇଁଙ୍କ ଏକାଦଶାହ ଅବସରରେ ମଙ୍ଗଳବାର ନବୀନାବାଗସ୍ଥିତ ଅଞ୍ଜୁଶ୍ରୀ କଲ୍ୟାଣ ମଣ୍ଡପଠାରେ ସ୍ମୃତିସଭା ଓ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଧାୟକ ଜ୍ୟୋତିରିନ୍ଦ୍ରନାଥ ମିତ୍ର ମୁଖ୍ୟ ଅତିଥି, ଶିଳ୍ପପତି ଗୋବିନ୍ଦ ପଟ୍ଟନାୟକ, ଯୁବ ଉଦ୍ୟୋଗପତି ସଞ୍ଜୟ ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ କହିଥିଲେ, ଯୁବ ସମାଜ ଦେଶର ମେରୁଦଣ୍ଡ। ସେବା ଓ ସମର୍ପଣ ଭାବ ନେଇ ନିଃସ୍ୱାର୍ଥପର ଭାବେ କାର୍ଯ୍ୟ କରି ଚାଲିବାକୁ ପରାମର୍ଶ ଦେଇଥିଲେ। ଏଥିସହ ତାଙ୍କ ଆତ୍ମାର ସଦ୍‌ଗତି କାମନା କରିବା ସହ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ମିଶନ ଆଶ୍ରା ପରିସରରେ ୪ଶହରୁ ଊର୍ଦ୍ଧ୍ୱ ମହିଳାଙ୍କୁ ଖାଦ୍ୟ,ବସ୍ତ୍ର ବଣ୍ଟନ କରାଯାଇଥିଲା। ତମାଣ୍ଡୋସ୍ଥିତ ଶିଶୁ ଯତ୍ନ ଅନୁଷ୍ଠାନ ଆମ ଘରରେ ପିଲାମାନଙ୍କୁ ପୁସ୍ତକ ଦିଆଯାଇଥିଲା। ଆୟୋଜିତ ରକ୍ତଦାନ ଶିବିରରେ ୬୯ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଖୋର୍ଦ୍ଧା ରକ୍ତଭଣ୍ଡାରର ଅରୁଣ ସାହୁ, ବିସ୍ମିତା ମହାନ୍ତି ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ। ଯୁବନେତା ପ୍ଲାବନ ପଟ୍ଟନାୟକ, ଶିଳାଦିତ୍ୟ ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଏମ୍ସ ହଷ୍ଟେଲରୁ ଛାତ୍ରଙ୍କ ମୃତଦେହ ଜବତ

ଭୁବନେଶ୍ୱର, ୮।୧୨(ବ୍ୟୁରୋ)

ଏମ୍ସ ମେଡିକାଲ୍ କଲେଜ ହଷ୍ଟେଲ ବନ୍ଦ କୋଠରୀରୁ ମଙ୍ଗଳବାର ଜଣେ ପିଜି ଛାତ୍ରଙ୍କ ମୃତଦେହକୁ ପୋଲିସ ଜବତ କରିଛି। ମୃତକ ହେଲେ ତାମିଲନାଡୁର ପ୍ରବୀଣ କୁମାର। ଏ ନେଇ ଖଣ୍ଡଗିରି ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲା। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ଗତ କିଛି ଦିନ ହେବ ପ୍ରବୀଣଙ୍କ ମାନସିକ ସ୍ଥିତି ଭଲ ନ ଥିବା ବେଳେ ସେ ଅଧିକାଂଶ ସମୟ ମାନସିକ ଚାପରେ ରହୁଥିଲେ ବୋଲି ତାଙ୍କର କେତେଜଣ ହଷ୍ଟେଲ ବନ୍ଧୁ କହିଛନ୍ତି। ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ି ନ ଥିବା ବେଳେ ଏହା ଆତ୍ମହତ୍ୟା ବୋଲି ପ୍ରାଥମିକ ତଦନ୍ତରୁ ପୋଲିସ ସନ୍ଦେହ କରୁଛି। ଏ ନେଇ ତଦନ୍ତ ଜାରି ରହିଛି। ସୂଚନା ଅନୁଯାୟୀ, ତାମିଲନାଡୁର ପ୍ରବୀଣ କୁମାର ଭୁବନେଶ୍ୱର ଏମ୍ସରେ ପିଜି ପ୍ରଥମ ବର୍ଷରେ ନାମ ଲେଖାଇଥିଲେ। କରୋନା ଯୋଗୁ ଅନ୍ୟ ଛାତ୍ରମାନେ ନିଜ ନିଜ ଘରକୁ ଚାଲିଯାଇଥିବାବେଳେ ପ୍ରବୀଣ ହଷ୍ଟେଲ୍ ରୁମ୍‌ରେ ଏକା ରହୁଥିଲେ। ସୋମବାର ରାତିରେ ସେ ରୁମ୍‌ରେ ଶୋଇଥିଲେ। ତେବେ ମଙ୍ଗଳବାର ସକାଳେ ପାଖ ରୁମ୍‌ରେ ରହୁଥିବା ଛାତ୍ରମାନେ କବାଟ ବାଡେଇ ଡାକିଥିଲେ ମଧ ସେ କବାଟ ଖୋଲି ନ ଥିଲେ। ପରେ ସେମାନେ ପୋଲିସକୁ ଖବର ଦେଇଥିଲେ। ଏମ୍ସ ଫାଣ୍ଡି ଅଧିକାରୀ ବାଦଲ କୁମାର ବରାଳ ଘଟଣାସ୍ଥଳରେ ପହଞ୍ଚି କବାଟ ଭାଙ୍ଗି ଭିତରକୁ ଯିବା ପରେ ପ୍ରବୀଣ ତଳେ ପଡ଼ିଥିବା ଦେଖିଥିଲେ। ତାଙ୍କୁ ତୁରନ୍ତ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପ୍ରବୀଣଙ୍କ ମାନସିକ ସ୍ଥିତି ଭଲ ନ ଥିବାବେଳେ ସେ ପ୍ରଚୁର ଆନାସ୍ଥେସିଆ ନେଇଥିବା ଯୋଗୁ ତାଙ୍କ ମୃତ୍ୟୁ ହୋଇଥିବା ପୋଲିସ ସନ୍ଦେହ କରୁଛି।

## 'ରିଂରୋଡ୍ ନିର୍ମାଣରେ ପିକେଡିଏ ମାଷ୍ଟର ପ୍ଲାନ୍ ଉଲ୍ଲଂଘନ କରନାହିଁ'

କୋଣାର୍କ,୮।୧୨(ଡି.ଏନ୍.ଏ.)

କୋଣାର୍କକୁ ଏକ ସରସ ସୁନ୍ଦର ସହର ଭାବେ ବିକଶିତ କରିବା ପାଇଁ ପୁରୀ କୋଣାର୍କ ଉନ୍ନୟନ କର୍ତ୍ତୃପକ୍ଷଙ୍କ ଦ୍ୱାରା ଏକ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରାଯାଇଥିଲା। ଏହି ପ୍ଲାନ୍ ଅନୁଯାୟୀ କୋଣାର୍କ ସୂର୍ଯ୍ୟମନ୍ଦିରଠାରୁ କିଛି ଦୂରରେ ଏକ ରିଂରୋଡ୍ ରାସ୍ତା ନିର୍ମାଣର ପ୍ରସ୍ତାବ ଥିଲା। ତଦନୁଯାୟୀ ୧୫୦ ଫୁଟ ଓସାରର ରିଂରୋଡ୍ ପାଇଁ ସୀମା ନିର୍ଦ୍ଧାରଣ ପୂର୍ବକ ବଡ଼ ସିମେଣ୍ଟ ଖୁଣ୍ଟ ସବୁ ନିର୍ମାଣ କାର୍ଯ୍ୟ କରାଯାଇଥିଲା। ଏହି ସୀମା ଭିତରେ ଏକ ପାର୍ଶ୍ୱକୁ ଲାଗି ଏକ ଦୁଇ ଲାଇନ ବିଶିଷ୍ଟ ରିଂରୋଡ୍ ମଧ ପ୍ରଥମ ପର୍ଯ୍ୟାୟରେ ନିର୍ମିତ ହୋଇଥିଲା। ତେବେ କୌଣସି କାରଣରୁ ସମ୍ପ୍ରତି ୬ଲେନ୍ ବିଶିଷ୍ଟ ଏହି ରାସ୍ତାର ସମ୍ପୂର୍ଣ୍ଣ ନିର୍ମାଣ ନିମନ୍ତେ ପୁନଃ ସର୍ଭେ କାର୍ଯ୍ୟ ଆରମ୍ଭ ହୋଇଥିବା ପରିପ୍ରେକ୍ଷୀରେ ମାପଚୁପ କାର୍ଯ୍ୟ ଚାଲୁଅଛି। ଜାତୀୟ ରାଜପଥ ଓଡ଼ିଶା ଡିଭିଜନ ଓ କୋଣାର୍କ ଏନ୍‌ଏସି ପକ୍ଷରୁ ମିଳିତ ଭାବେ ଏହି କାର୍ଯ୍ୟ ଚାଲିଥିବା ଜଣାପଡିଛି। ମାଷ୍ଟର ପ୍ଲାନରେ ପୂର୍ବରୁ ଧାର୍ଯ୍ୟ କରାଯାଇଥିବା ୧୫୦ ଫୁଟ ଓସାରର ସୀମାକୁ ଉଲ୍ଲଂଘନ କରି ସମ୍ପୃକ୍ତ କର୍ତ୍ତୃପକ୍ଷ ସୀମା ବାହାରକୁ ଯାଇ ରାସ୍ତା ନିର୍ମାଣ ନିମନ୍ତେ ମାପଚୁପ କାର୍ଯ୍ୟ କରୁଥିବାରୁ ସୀମା ବାହାର ପାର୍ଶ୍ୱରେ ଥିବା ବ୍ୟବସାୟ ପ୍ରତିଷ୍ଠାନ, ଏନ୍‌ଏସିର ସ୍ଥାୟୀ ମାର୍କେଟ କମ୍ପ୍ଲେକ୍ସ, ହୋଟେଲ, ଲଜ୍ଜ, ଘରୋଇ ବାସଗୃହ ଆଦି ଭଙ୍ଗାଯିବାର ଆଶଙ୍କା ଦେଖାଦେଇଥିଲା। ଫଳରେ କ୍ଷତିଗ୍ରସ୍ତ ହେଉଥିବା ବ୍ୟବସାୟୀମାନଙ୍କ ପକ୍ଷରୁ କିଛିମାସ ତଳେ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। କୋର୍ଟ କେସ ନଂ. ୨୧୮୯୩/୨୦ରେ ଏହି ମାମଲାର ବିଚାର କରି ପୁରୀ-କୋଣାର୍କ ଡେଭଲେପ୍‌ମେଣ୍ଟ ଅଥରିଟି (ପିକେଡିଏ) ମାଷ୍ଟରପ୍ଲାନ ଉଲ୍ଲଂଘନ ନ କରି ରାସ୍ତା ନିର୍ମାଣ କରିବାକୁ ଉଚ୍ଚ ନ୍ୟାୟାଳୟ ଜାତୀୟ ରାଜପଥ ଡିଭିଜନ ଓ କୋଣାର୍କ ଏନ୍‌ଏସିକୁ ନିର୍ଦ୍ଦେଶ ଦେଇଛନ୍ତି। ବ୍ୟବସାୟୀଙ୍କ ସହ ଆଲୋଚନା କରି ସେମାନଙ୍କ ଅଭିଯୋଗର ସମସ୍ତ ବିଚାର ତିନି ମାସ ମଧ୍ୟରେ ଶେଷ କରିବା ନିମନ୍ତେ ଉଚ୍ଚ ନ୍ୟାୟାଳୟ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି।

### ପୁରୀରେ ବନ୍ଦ ଶାନ୍ତିପୂର୍ଣ୍ଣ

ପୁରୀ ଅଫିସ,୮।୧୨: କେନ୍ଦ୍ର ସରକାରଙ୍କ ନୂଆ କୃଷି ଆଇନକୁ ବିରୋଧ କରି ଚାଷୀଙ୍କ ପକ୍ଷରୁ ମଙ୍ଗଳବାର ଭାରତ ବନ୍ଦ ଡାକରା ଦିଆଯାଇଥିଲା। ଏହାକୁ ୧୮ ବିରୋଧୀ ଦଳ ସମର୍ଥନ ଜଣାଇଥିବାବେଳେ ପୁରୀ ଜିଲାରେ ଏହାର ପ୍ରଭାବ ଶାନ୍ତିପୂର୍ଣ୍ଣ ଥିବା ଦେଖିବାକୁ ମିଳିଛି। ଜିଲାର ସବୁଆଡ଼େ ବସ୍ ଏବଂ ଟ୍ରକ ଚଳାଚଳ ବନ୍ଦ ହୋଇଯାଇଥିବା ବେଳେ ରେଳ ଯାତାୟାତ ମଧ ହୋଇ ନ ଥିଲା। ସରକାରଙ୍କ ଘୋଷଣା ଅନୁଯାୟୀ ସମସ୍ତ ସରକାରୀ ଅଫିସ ବନ୍ଦ ରହିଥିଲା। ପୁରୀ ସହର ଏବଂ ଆଖପାଖ ଅଞ୍ଚଳରେ ଦୋକାନ, ବଜାର ମଧ ବନ୍ଦ ରହିଥିବାର ଦେଖିବାକୁ ମିଳିଥିଲା। ସିପିଆଇ ଓ ସିପିଆଇ(ଏମ) ପକ୍ଷରୁ ସହର ପରିକ୍ରମା କରି କେନ୍ଦ୍ର ଆଣିଥିବା ୩ କଳା ବିଲ୍‌କୁ ପ୍ରତ୍ୟାହାର କରାଯାଉ ବୋଲି ଦାବି କରିବା ସହ ବିଭିନ୍ନ ନାରାବାଜି ଦିଆଯାଇଥିଲା। ସେହିପରି କଂଗ୍ରେସ ପକ୍ଷରୁ ବେଲଦଳଠାରେ ଶାନ୍ତିପୂର୍ଣ୍ଣ ସତ୍ୟାଗ୍ରହ କରାଯାଇଛି। ପରେ ବେଲଦଳ ରାସ୍ତାରେ ଶଗଡ଼ ରଖି ରାସ୍ତା ଅବରୋଧ କରାଯାଇଛି। କୃଷି ବିଲ୍‌କୁ ବିରୋଧ କରି ଦଳ ପକ୍ଷରୁ କୁହାଯାଇଛି, ଏହି ବିଲ୍ ଦ୍ୱାରା ଦେଶର ଚାଷୀ ସର୍ବନିମ୍ନ ମୂଲ୍ୟ ପାଇବାରେ ଅସୁବିଧା ହେବ। ସେଥିପାଇଁ ସରକାର ଚାଷୀଙ୍କ କଥା ଶୁଣିବା ଆବଶ୍ୟକ। ଯୁବ ଓ ଛାତ୍ର କଂଗ୍ରେସ ପକ୍ଷରୁ ମଧ ଶତାଧିକ କର୍ମୀ ବାଇକ୍ ରାଲିରେ ଦୋଳମଣ୍ଡପ ସାହିଠାରୁ ବାହାରି ସହର ପରିକ୍ରମା କରି ଖୋଲା ରହିଥିବା ଦୋକାନଗୁଡ଼ିକୁ ବନ୍ଦ କରିବାକୁ କହିଥିଲେ।


କେନ୍ଦ୍ରର ନୂତନ କୃଷି ଆଇନ ପ୍ରତ୍ୟାହାର ଦାବିରେ ମଙ୍ଗଳବାର ପୁରୀ ଜିଲା ପିପିଲି ଠାରେ ବିକ୍ଷୋଭ କରାଯାଉଛି।


ଖୋର୍ଦ୍ଧାର ବୋଲଗଡ଼ଠାରେ ୫୭ ନଂ. ଜାତୀୟ ରାଜପଥ ଅବରୋଧ କରାଯାଇଛି।

## ରାସ୍ତାରେ ବସିଲେ ସିପିଆଇ, କଂଗ୍ରେସ କର୍ମୀ

ନିମାପଡ଼ା/ପିପିଲି/ଡେଲାଙ୍ଗ/ କଣାସ/ ସାକ୍ଷୀଗୋପାଳ/କୋଣାର୍କ,୮।୧୨ (ଡି.ଏନ୍.ଏ./ସ୍ୱ.ପ୍ର.)

କେନ୍ଦ୍ର ସରକାରଙ୍କ କୃଷି ଆଇନ ପ୍ରତ୍ୟାହାର ଦାବିରେ ମଙ୍ଗଳବାର ଭାରତ ବନ୍ଦ ଡାକରାରେ ଶତାଧିକ ସିପିଆଇ ଓ କଂଗ୍ରେସ କର୍ମୀ ନିମାପଡ଼ା ପୁରୁଣା ବସ୍‌ଷ୍ଟାଣ୍ଡ ନିକଟରେ ମୁଖ୍ୟ ରାଜରାସ୍ତା ଅବରୋଧ କରି ବିକ୍ଷୋଭ କରିଥିଲେ। ନିମାପଡ଼ା, ଚାରିଛକ ଅଞ୍ଚଳରେ ସମସ୍ତ ଦୋକାନ ବଜାର, ଅଫିସ ବନ୍ଦ ରହିଥିଲା। ସିପିଆଇ ନେତା କୃଷ୍ଣଚନ୍ଦ୍ର ରାଉତ, ସନାତନ ପାତ୍ର, କଂଗ୍ରେସ ନେତା ବିଜୟ ପ୍ରଧାନ, କାଳନ୍ଦୀ ବାରିକ, ସୁଶାନ୍ତ ପ୍ରଧାନ ପ୍ରମୁଖଙ୍କ ନେତୃତ୍ୱରେ ଏହି ଆନ୍ଦୋଳନ ହୋଇଥିଲା। ପିପିଲିରେ କଂଗ୍ରେସ ଓ ସିପିଆଇ(ଏମ୍‌ଏଲ୍) ସମର୍ଥନ କରି ବନ୍ଦକୁ ସଫଳ କରିଥିଲେ। ଡେଲାଙ୍ଗ ସିପିଆଇ(ଏମ୍‌ଏଲ୍), ଏଆଇକେକେଏମ୍‌ଏସ୍ ଓ ଏସ୍‌ୟୁସି ପାର୍ଟି ପକ୍ଷରୁ ବନ୍ଦକୁ ଶାନ୍ତିପୂର୍ଣ୍ଣ ଭାବେ ସଫଳ କରାଯାଇଥିଲା। ସାକ୍ଷୀଗୋପାଳର ନୀଳାଚଳ କୃଷକ ମହାସଂଘ ଉପସଭାପତି ନିରଞ୍ଜନ ମହାପାତ୍ରଙ୍କ ନେତୃତ୍ୱରେ ସତ୍ୟବାଦୀ ଥାନାରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ବ୍ରହ୍ମଗିରି ସିପିଆଇ ନେତା ସୁକାନ୍ତ ମହାନ୍ତିଙ୍କ ନେତୃତ୍ୱରେ କର୍ମୀମାନେ ସୂର୍ଯ୍ୟମନ୍ଦିର ଆଗରେ ବିକ୍ଷୋଭ କରିଥିଲେ। କଣାସର ଅଶୋକ ପ୍ରଧାନ ଓ କିଷାନ ପ୍ରଧାନଙ୍କ ନେତୃତ୍ୱରେ ଦୋକାନ ବଜାର ବନ୍ଦ କରିବା ପାଇଁ ନିବେଦନ କରିଥିଲେ।

# ବିଭିନ୍ନ ସ୍ଥାନରେ ବିକ୍ଷୋଭ, ରାସ୍ତାରୋକୋ

ଖୋର୍ଦ୍ଧା ଅଫିସ/ବେଗୁନିଆ/ ଜଟଣୀ/କୃଷ୍ଣପ୍ରସାଦ/ବୋଲଗଡ଼, ୮।୧୨(ଡି.ଏନ୍.ଏ.)

କେନ୍ଦ୍ରର ନୂତନ କୃଷି ଆଇନ ପ୍ରତ୍ୟାହାର ଦାବିରେ ବିଭିନ୍ନ କୃଷକ ସଙ୍ଗଠନ ପକ୍ଷରୁ ମଙ୍ଗଳବାର ଭାରତ ବନ୍ଦ ଡାକରା ଦିଆଯାଇଥିଲା। ଏହାର ପ୍ରଭାବ ଖୋର୍ଦ୍ଧା ସଦର ମହକୁମାରେ ବି ଦେଖିବାକୁ ମିଳିଛି। ନବ ନିର୍ମାଣ କୃଷକ ସଙ୍ଗଠନ, ସିପିଆଇ(ଏମ), ଏସ୍‌ୟୁସିଆଇ, ଟ୍ରେଡ୍ ୟୁନିୟନ, ସିଟୁ, ଏଆଇୟୁଟିୟୁସି, ଏଆଇସିସିଟିୟୁ, କଂଗ୍ରେସ ସମେତ ବହୁ ସଙ୍ଗଠନ ଖୋର୍ଦ୍ଧା ନୂଆବସ୍‌ଷ୍ଟାଣ୍ଡରେ ପିକେଟିଂ କରିବା ସହ ବସ୍‌ଷ୍ଟାଣ୍ଡରେ ରାସ୍ତା ଅବରୋଧ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ନବ ନିର୍ମାଣ କୃଷକ ସଙ୍ଗଠନ ଜିଲା ସଂଯୋଜକ ସୁରେଶ ମାନସିଂ, ମଦନ ମୋହନ ସାହୁ, କାହ୍ନୁଚରଣ ବେହେରା, ମନୋଜ ମହାପାତ୍ର, କଂଗ୍ରେସ ନଗର ସଭାପତି ରଞ୍ଜିତ ମହାପାତ୍ର ପ୍ରମୁଖ ବିକ୍ଷୋଭରେ ସାମିଲ ହୋଇଥିଲେ। ଏସ୍‌ୟୁସିଆଇ ସମେତ ବହୁ ସଙ୍ଗଠନ ନୂଆବସ୍‌ଷ୍ଟାଣ୍ଡରେ ବିକ୍ଷୋଭ ପ୍ରଦର୍ଶନ ସହ ପିକେଟିଂ କରିଥିଲେ। ସିପିଆଇଏମ୍‌ର କିଶୋର ଚନ୍ଦ୍ର ପରମଗୁରୁ, ଅନନ୍ତ ମଙ୍ଗରାଜ, ଅଶୋକ ସାହୁ, ଶୈଳେଶ ବଳିଆରସିଂ, କାର୍ତ୍ତିକ ଘଡ଼େଇ, ବିଭାସ ମହାପାତ୍ର ପ୍ରମୁଖ ସାମିଲ ହୋଇଥିଲେ।

ସେହିପରି ବେଗୁନିଆ ବ୍ଲକ ଅଞ୍ଚଳରେ ଆଂଶିକ ପ୍ରଭାବ ଦେଖିବାକୁ ମିଳିଥିଲା। ବାଘମାରୀ ବଜାରରେ ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଖୋର୍ଦ୍ଧା-ବଲାଙ୍ଗୀର ୫୭ନଂ. ଜାତୀୟ ରାଜପଥ ଅବରୋଧ କରାଯାଇଥିଲା। ଜଟଣୀ ନଗର କଂଗ୍ରେସ ଏବଂ ନବ ନିର୍ମାଣ କୃଷକ ସଙ୍ଗଠନ ପୃଥକ୍ ଭାବେ ଶୋଭାଯାତ୍ରାରେ ବାହାରି ବଜାର ବନ୍ଦ କରିଥିଲେ। ନଗର କଂଗ୍ରେସ ସଭାପତି ଅଶୋକ ମଙ୍ଗରାଜଙ୍କ ନେତୃତ୍ୱରେ ସଂଗ୍ରାମ ରାଉତରାୟ, କଳିଙ୍ଗ ସାହୁ, ଅନନ୍ତ ବେହେରା, ଲୁସେନ ରାୟ ପ୍ରମୁଖ ବ୍ୟାଙ୍କ, ଏଚ୍‌ପିସିଏଲ୍ ଡିପୋ ଆଗରେ ପିକେଟିଂ ସହ ବନ୍ଦ କରାଇଥିଲେ। ନବ ନିର୍ମାଣ କୃଷକ ସଙ୍ଗଠନର ସ୍ୱରୂପ ଦାସଙ୍କ ନେତୃତ୍ୱରେ ହରିଭାଇନା ଛକରେ ରାସ୍ତାରୋକୋ କରାଯାଇଥିଲା। କୃଷ୍ଣପ୍ରସାଦ ବ୍ଲକ କଂଗ୍ରେସ ପକ୍ଷରୁ ବ୍ଲକ ଛକଠାରେ ରାସ୍ତାରୋକୋ କରାଯାଇଥିଲା। ସଞ୍ଜୟ ପ୍ରଧାନଙ୍କ ନେତୃତ୍ୱରେ ଖଗେଶ୍ୱର ଜେନା, ଦିବ୍ୟ ରଞ୍ଜନ ଜେନା, ବିଜ୍ଞାନ ନାୟକ, ବୁଲୁ ଦାଶ, ସୁନୀଲ ପାହାଣ, ରାକେଶ ଜେନା, ଦୀପକ ପ୍ରଧାନ ସାମିଲ ହୋଇଥିଲେ। ବୋଲଗଡ଼ ବଜାରରେ ଶତାଧିକ ଚାଷୀ ୫୭ନଂ. ଜାତୀୟ ରାଜପଥ ଅବରୋଧ କରିଥିଲେ। କଂଗ୍ରେସ ନେତା ପ୍ରଦୀପ ସାହୁ ଏଥିରେ ସାମିଲ ହୋଇଥିଲେ।

